

ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଡେରବାରେ ବିଜେଡିର ନିର୍ବାଚନୀ ସଭା, ମିଶ୍ରଣ ପର୍ବ

**ରେଙ୍ଗାଲି,୧୭।୪ (ଡି.ଏନ.ଏ.)-** ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତ ଡେରବାରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ରେଙ୍ଗାଲି ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏହି ନିର୍ବାଚନୀ ସଭା ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବହୁ ଯୁବକ ବିଜେଡିରେ ଯୋଗ ଦେଇଥିଲେ। ବମାଲୋଇ ସରପଞ୍ଚ ଶେଷଦେବ ପ୍ରଧାନ, ନିରାକାର ଖଣ୍ଡା ଏବଂ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୭।୪ (ବ୍ୟୁରୋ)-** ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷ ରବୀନ୍ଦ୍ରନାଥ ଦାଶଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲ ସମ୍ପାଦକ ରଣଜିତ ସିଂ ହୁରା ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ବନ୍ଦାବାହାଲରେ ଅଷ୍ଟପ୍ରହର ନାମଯଜ୍ଞ

**ପଡିଆବାହାଲ, ୧୭।୪ (ଡି.ଏନ.ଏ.)-** ବନ୍ଦାବାହାଲ କଲୋନୀରେ ୩୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀ ସାହୁ ଓ ସ୍ନେହଲତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲା ବେଳେ ଶାଶ୍ୱତ କୁମାର ବଡପଣ୍ଡା ପୂଜା ତଥା ହୋମଯଜ୍ଞ କରିଥିଲେ। ଦଶପୁର ଏବଂ ଗଇନପୁରା ବୈଠକି କରିଥିଲା ବେଳେ ବନ୍ଦାବାହାଲ କଲୋନୀ ଓ ରେଙ୍ଗାଲପାଲି ଦଳ ନଗରକୀର୍ତ୍ତନ କରିଥିଲେ। ଗୋଗୁଆପଡା ଦଳ ଅଷ୍ଟ ପ୍ରହର ନାମଯଜ୍ଞରେ ମୁଖ୍ୟ ଭୂମିକା ନେଇଥିଲେ । ଅଖିଳ ଧଳ, ସୁଦର୍ଶନ ସାହୁ କାର୍ଯ୍ୟକ୍ରମ ବୁଝିଥିଲେ।

### ଡାକଡେରାରେ କୁମ୍ଭ ଭରଣ ଉତ୍ସବ

**ପଡିଆବାହାଲ,୧୭।୪(ଡି.ଏନ.ଏ.)-** ଡାକଡେରାରେ ନବ ନିର୍ମିତ ଶିବ ମନ୍ଦିରର କୁମ୍ଭ ଭରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀନବନ୍ଧୁ ପ୍ରଧାନ, ଶ୍ରୀପତି ପଧାନ, ଚିତ୍ରଲେଖା ପ୍ରଧାନଙ୍କ ନେତୃତ୍ୱରେ ଉଦ୍ଧବ ସାହୁ, ବଳରାମ ସାହୁ, ରାମପ୍ରସାଦ ସାହୁ, ଜ୍ୟୋତିପ୍ରକ୍ଷକ ସାହୁ, ଭୀଷ୍ମଦେବ ସ୍ୱାଇଁ ପ୍ରମୁଖ ମନ୍ଦିର ନିର୍ମାଣରେ ପ୍ରମୁଖ ଭୂମିକା ନେଇଛନ୍ତି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ଆନନ୍ଦ ସାମଲ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

### ଏସ୍‌ବିଆଇ ମୁଖ୍ୟ ଶାଖାରେ ଆମ୍ବେଡକର ଜୟନ୍ତୀ

**ସମ୍ବଲପୁର, ୧୭।୪ (ବ୍ୟୁରୋ)-** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏସସି/ଏସଟି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ଡା. ଭୀମରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ମୁଖ୍ୟ ଶାଖାଠାରେ ପାଳିତ ହୋଇଯାଇଛି । ଭାରତୀୟ ଷ୍ଟେଟ ବ୍ୟାଙ୍କର ସିଏସସି ଶାଖା ପରିଚାଳକ ହନୁରାମ ନାଗଙ୍କ ଅଧକ୍ଷତାରେ ସଭା ହୋଇଥିଲା । କାଉନସିଲ ଉପସଚିବ ଗୋପବନ୍ଧୁ ଜଗଦଲା ସଂଯୋଜନା କରିଥିଲେ । ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ଡୋଳାମଣୀ କନ୍ଧେର ଓ ଅଶ୍ୱିନୀ କୁମାର ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅଶ୍ୱିନୀ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ମୂର୍ତ୍ତି ନାଗ, କିଶୋର ବାଗ, ଅମିତ ମିଞ୍ଜ, ପ୍ରଦୀପ ଘୋଷ ଓ ହେମରାଜ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ଆସଫ୍, ଶରତଙ୍କ ରୋଡ଼ ଶୋ

**ନାକଟିଦେଉଳ, ୧୭।୪(ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବାଇକ ଶୋଭାଯାତ୍ରା ସହ ରୋଡ଼ ଶୋ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଶରତ ପଟ୍ଟନାୟକ ଏବଂ ରେଢାଖୋଲ ବିଧାୟକ ପ୍ରାର୍ଥୀ ଆସଫ ଅଲ୍ଲୀ ଖାଁ ଯୋଗ ଦେଇ କିସିଣ୍ଡାରୁ ନାକଟିଦେଉଳ ଦେଇ ରେଢାଖୋଲ ପର୍ଯ୍ୟନ୍ତ ଯାଇଥିଲେ।

ଏନ୍‌ଏସ୍‌ସିବି କଲେଜରେ ରାଜ୍ୟସ୍ତରୀୟ ପାଠଚକ୍ର

# ସାହିତ୍ୟ ବିଶ୍ୱ ପଦବାଚ୍ୟ

**ସମ୍ବଲପୁର, ୧୭।୪ (ବ୍ୟୁରୋ)**




ବୁଧବାର ଏନଏସସିବି କଲେଜରେ ଆୟୋଜିତ ରାଜ୍ୟସ୍ତରୀୟ ପାଠଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନଏସସିବି)ରେ ଆନ୍ତଃ ବିଭାଗୀୟ ରାଜ୍ୟସ୍ତରୀୟ ସାହିତ୍ୟ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜୟନ୍ତ କରଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠଚକ୍ରର ଶୁଭାରମ୍ଭ କରିଥିଲେ । ସାହିତ୍ୟ ଯେ କୌଣସି ଭାଷାରେ ହେଲେ ମଧ ତାହା ବିଶ୍ୱ ପଦବାଚ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ । ସରକାରୀ ମହିଳା କଲେଜ ଅଧକ୍ଷା ପ୍ରଫେସର ଲଳିତା କୁଅଁର ସମ୍ମାନିତ ଅତିଥି, ଓଡିଆ ବିଭାଗ ପ୍ରଫେସର ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସାହିତ୍ୟରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ହିନ୍ଦୀ ଅଧ୍ୟାପିକା ପ୍ରବୀଣା ବାସନ୍ତି ବକ୍ତା ଥିଲେ। ଏହି ଅବସରରେ କଲେଜର ମୁଖପତ୍ର ଜାଗୃତୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେହିପରି କଲେଜ ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବୌଦ୍ଧର ପ୍ରଫେସର ବି.ଏମ. ସ୍ୱାଇଁ ପରିଚାଳନା କରିଥିଲେ । ଢେଙ୍କାନାଳ କଲେଜ ଇଂରାଜୀ ବିଭାଗ ପ୍ରଫେସର ଆଦିତ୍ୟ ମେହେର ଓ ରାୟଗଡା ଏମଡିସି ଓଡିଆ ବିଭାଗ ଶ୍ୟାମ ଭୋଇ ପ୍ରବନ୍ଧ ପାଠ କରିଥିଲେ । ଏନଏସସିବି କଲେଜ ଓଡିଆ ବିଭାଗ ଅଧାପିକା ଶ୍ରଦ୍ଧାମୟୀ ପୁରୋହିତ, ଡ. ନବୀନ କୁମାର ଜାଲ, ଖଗେଶ୍ୱର ମେହେର ଗବେଷଣା ନିବନ୍ଧ ପାଠ କରିଥିଲେ । ସାହିତ୍ୟ ସଂସଦ ସମ୍ପାଦକ ହରିହର ମଲ୍ଲିକ, ପାଠଚକ୍ର ସମ୍ପାଦକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବୀରସେନ ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ରଘୁମଣି ନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

### ଇଣ୍ଡିଗୋ ଜବତ, ଡ୍ରାଇଭର ଫେରାର

**ଚିପିଲିମା, ୧୭।୪ (ଡି.ଏନ.ଏ.)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ୫୩ ନଂ. ଜାତୀୟ ରାଜପଥର ବୈଜାମୁଣ୍ଡା ଛକରେ ସଡକ ଦୁର୍ଘଟଣାରେ ଜଣେ ବ୍ୟବସାୟୀ ଗୁରୁତର ହୋଇ ଭୀମସାର ବୁଲା ମେଡିକାଲରେ ଚିକିତ୍ସାଧିନ ଥିବାବେଳେ ମୃତ୍ୟୁ ଘଟିଛି । ମୃତକ ହେଲେ ବୁର୍ଲା ଥାନା ବୈଜାମୁଣ୍ଡା ଗ୍ରାମର ପ୍ରହଲ୍ଲାଦ ମେହେର (୬୦)। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୯୨/୧୯) ରୁଜୁ ହୋଇଥିବା ବେଳେ ଏସଆଇ ଅଜିତ ଧଳସାମନ୍ତ ଘଟଣାର ତଦନ୍ତ କରୁଛନ୍ତି । ପୋଲିସ ତଥ୍ୟ ଅନୁଯାୟୀ ପ୍ରହଲ୍ଲାଦ ଗୋଶାଳାରେ ଏକ କପଡା ଦୋକାନ କରିଥିଲେ । ସେ ସୋମବାର ବିଳମ୍ବିତ ରାତିରେ ଦୋକାନରୁ ଓଡି ୧୭ ଏ– ୨୯୭୬ ନମ୍ବର ବିଶିଷ୍ଟ ଏକ ବାଇକରେ ଘରକୁ ଯାଉଥିଲେ। ବୈଜାମୁଣ୍ଡା ଛକରେ ସମ୍ବଲପୁର ପଟୁ ଆସୁଥିବା ଓଡି ୧୫ ଇ–୮୦୮୪ ନମ୍ବର ବିଶିଷ୍ଟ ଏକ ଇଣ୍ଡିକୋ ଧକ୍କା ଦେଇଥିଲା । ଲୋକଙ୍କ ସହାୟତାରେ ବୁର୍ଲା ମେଡିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ତେବେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର ହୋଇଛି । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ କାରକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବୋଲେରୋ ଧକ୍କାରେ ଜଣେ ମୃତ

**ରେଙ୍ଗାଲି, ୧୭।୪ (ଡି.ଏନ.ଏ.)**

ରେଙ୍ଗାଲି ଥାନା ଗଣେଶନଗର ଏଚଡିଏଫସି ବ୍ୟାଙ୍କ ସମ୍ମୁଖରେ ବୁଧବାର ରାତି ୮ଟାରେ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଲପଙ୍ଗା, ଲାଣ୍ଡୁପାଲିର ବାସୁଦେବ ଭୋଇ (୪୨)। ସେ ରେଙ୍ଗାଲି ରାମଚନ୍ଦ୍ରନଗରସ୍ଥିତ ନିଜ ଭଉଣୀ ଘରେ ରହୁଥିଲେ। ତେବେ ଶ୍ୟାମ ଡିଆରଆଇ କାରଖାନାର କ୍ୟାଣ୍ଟିନରେ କାମ କରି ଘରକୁ ଫେରୁଥିଲେ। ଚାଲି ଚାଲି ରାସ୍ତା ପାରି ହେଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ରେଙ୍ଗାଲି ପୋଲିସ ପହଞ୍ଚି ତାଙ୍କୁ ରେଙ୍ଗାଲି ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## କୋରିୟର ସଂସ୍ଥାକୁ ଭରସା ପାଉନି

### ସୁନ୍ଦରଗଡକୁ ୬ ଦିନ, ୮ ଦିନରେ ବି ଭୁବନେଶ୍ୱର ପହଞ୍ଚୁନି

**ରେଢାଖୋଲ୧୭।୪(ଡି.ଏନ.ଏ.)**

ଡାକସେବା କ୍ଷେତ୍ରରେ ଭାରତୀୟ ଡାକସେବା ସହିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଭାବେ କେତେକ ଘରୋଇ କମ୍ପାନୀ ମଧ କାର୍ଯ୍ୟ କରୁଛନ୍ତି। ତ୍ୱରିତ ସେବା ଯୋଗାଇଦେବାକୁ ଉପଭୋକ୍ତାଙ୍କ ଠାରୁ ଅଧିକ ଦର ନେଉଛନ୍ତି। ବିଭିନ୍ନ ସହରରେ ଏଜେଣ୍ଟ ନିଯୁକ୍ତ କରି ଡାକ ସେବା ଯୋଗାଇଦେବା ନାଁରେ ଲୋକଙ୍କୁ ଠକୁଛନ୍ତି। ସରକାରଙ୍କ ସହ ଅନୁବନ୍ଧିତ ହୋଇଥିଲେ ହେଁ ଏହି ସଂସ୍ଥାଗୁଡିକ ଉପରେ କୌଣସି ସରକାରୀ ଲଗାମ ରହୁନାହିଁ। ଫଳରେ ଏମାନଙ୍କ ମନୋମୁଖୀ କାର୍ଯ୍ୟ ବୃଦ୍ଧି ପାଉଛି। ରେଢାଖୋଲରେ ଥିବା ସ୍କାଏକିଙ୍ଗ କୋରିୟର ସଂସ୍ଥାରେ ଏଭଳି ଘଟିଥିବା ନେଇ ଅଭିଯୋଗ ହୋଇଛି। ଗତ ୯ ତାରିଖରେ ରେଢାଖୋଲରୁ ଜଣେ ଆଇନଜୀବୀ ୨ଟି ଗୁରୁତ୍ୱପୂର୍ଣ୍ଣ ଚିଠି କୋରିୟର କରିଥିଲେ। ଗୋଟିଏ ଭୁବନେଶ୍ୱରର ଏକ ଗରମାଧମ କାର୍ଯ୍ୟାଳୟକୁ ଓ ଅନ୍ୟଟି ସୁନ୍ଦରଗଡର ଜଣେ ଆଇନଜୀବୀଙ୍କ ପାଖକୁ। ଚିଠି ପହଞ୍ଚିବାରେ ବିଳମ୍ବ ହେବାରୁ ପ୍ରେରକ ବାରମ୍ବାର ଏଜେଣ୍ଟଙ୍କୁ ଅଭିଯୋଗ କଲେ। ଶେଷରେ ସୁନ୍ଦରଗଡକୁ ଚିଠିଟି ୧୫ ତାରିଖରେ ପହଞ୍ଚିଥିବା ବେଳେ ଭୁବନେଶ୍ୱର ଚିଠିଟି ବୁଧବାର ପହଞ୍ଚି ଥିଲା। ଅନ୍ୟପକ୍ଷେ କୋରିୟର ସଂସ୍ଥା ଦେଇଥିବା ରସିଦରେ ଅନ୍‌ଲାଇନ୍ ଟ୍ରାକିଂ କରି ଚିଠିର ସ୍ଥିତି ଜାଣିବାକୁ ୱେବ୍‌ସାଇଟ୍ ଥିଲେ ବି ତାହା କାମ କରୁ ନାହିଁ। ତେବେ ଚିଠି ପହଞ୍ଚିବା ବିଳମ୍ବ କାରଣ ସମ୍ପର୍କରେ ସଂପୃକ୍ତ ଏଜେଣ୍ଟଙ୍କୁ ପଚାରିବାରୁ ବସ୍ ସେବା ବ୍ୟାହତ ଯୋଗୁ ଏଭଳି ହୋଇଥିବା ସେ କହିଛନ୍ତି।

## ହିନ୍ଦ କ୍ଲବ, ଜିମ୍ନାଷ୍ଟିକ ଆଥ୍‌ଲେଟିକ କ୍ଲବ ବିଜୟୀ

**ସମ୍ବଲପୁର,୧୭।୪(ବ୍ୟୁରୋ)**

ଜିଲାସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ମ୍ୟାଚରେ ହିନ୍ଦ କ୍ଲବ ଓ ଜିମ୍ନାଷ୍ଟିକ ଆଥଲେଟିକ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଭିଏସଏସ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ହିନ୍ଦ ଓ ଭିଏସଏସ ମଧ୍ୟରେ ହୋଇଥିଲା । ହିନ୍ଦ ୨୦ ଓଭରରେ ୪ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା । ଭିଏସଏସ କ୍ଲବ ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୪୮ ରନ ୧୨୨ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା । ୨ୟ ମ୍ୟାଚ ପ୍ରଗତି ଓ ଜିମ୍ନାଷ୍ଟିକ ଆଥଲେଟିକ ମଧ୍ୟରେ ହୋଇଥିଲା । ପ୍ରଗତି ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା । ଜିମ୍ନାଷ୍ଟିକ ଆଥଲେଟିକ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।

ରୋହିଦାସ ପଡାରେ ମଦ ବିକ୍ରି ବନ୍ଦ ଦାବି

## ଡିଆଇଜିଙ୍କୁ ଭେଟିଲେ ପଡ଼ାବାସୀ

**ସମ୍ବଲପୁର, ୧୭।୪ (ବ୍ୟୁରୋ)**



ବୁଧବାର ସମ୍ବଲପୁର ରୋହିଦାସ ନଗରବାସୀ ଡିଆଇଜିଙ୍କ ସହ ଆଲୋଚନା କରୁଛନ୍ତି ।

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରୋହିଦାସ ନଗରରେ ମଦ ବିକ୍ରି ଚାଲିଛି। ତେଣୁ ଏହି ଅଞ୍ଚଳର ଯୁବକମାନେ ମଦ ପିଇ ବିପଥଗାମୀ ହେଉଛନ୍ତି । ଏଥିସହ ଅକାଳରେ ମୃତ୍ୟୁ ଘଟୁଥିବା ନଜିର ରହିଛି । ଦିନକୁ ଦିନ ମଦ ପିଇ ପଡାର ଯୁବକଙ୍କ ମୃତ୍ୟୁହାର ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ପଡାରେ ଥିବା ମଦ ଦୋକାନକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି। ବୁଧବାର ଏ ନେଇ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ସ୍ମାରକପତ୍ର ମଧ ପ୍ରଦାନ କରାଯାଇଛି। ସୁରେଶ ମେହେର, ବିଜୟ ମେହେର, ବିପିନ ମେହେର, ବିକ୍ରମ ମେହେର, ସତ୍ୟ ମେହେର, ମଙ୍ଗଳ ମିରିକ ପ୍ରମୁଖଙ୍କ ଏହି ସ୍ମାରକପତ୍ରରେ ସ୍ୱାକ୍ଷର ରହିଛି । ବିଜେଡି ଯୁବନେତା ସିଦ୍ଧାର୍ଥ ସାହା, ଶିବ ପ୍ରଧାନ, ବିଜେଡି ପୂର୍ବତନ ଜିଲା ସଭାପତି ପ୍ରମୋଦ କୁମାର ରଥ ମଧ ଡିଆଇଜିଙ୍କ ସହ ଆଲୋଚନା କରିଥିଲେ।

## ସମ୍ବଲପୁରର ବିକାଶ ପାଇଁ ରାଜନୀତିକୁ ଆସିଲି

**ସମ୍ବଲପୁର,୧୭।୪ (ବ୍ୟୁରୋ)**



ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫେସର ଅଶ୍ୱିନୀ ପୂଜାରୀ ମାଲ୍ୟାର୍ପଣ କରୁଛନ୍ତି ।

ସମ୍ବଲପୁର ସ୍ୱାଧନତା ସଂଗ୍ରାମୀ ସ୍ମୃତିଭବନଠାରେ ସମ୍ବଲପୁର ବିଧାନ ସଭା ଆସନର କଂଗ୍ରେସ ପ୍ରାର୍ଥୀ ଅଶ୍ୱିନୀ ପୂଜାହାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସହର ବୁଦ୍ଧୀଜୀବୀ, ସାମାଜିକ କର୍ମୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ସମ୍ବଲପୁର ବିକାଶ ପାଇଁ ରାଜନୀତିକୁ ଆସିଛି ବୋଲି ସେ କହିଥିଲେ । ପୂର୍ବରୁ ଦିନକୁ ୧୨ରୁ ୧୫ ଘଣ୍ଟା କାମ କରୁଥିଲେ। ଲୋକଙ୍କ ସେବା କରିବାକୁ ସୁଯୋଗ ମିଳୁଥିଲା । ହେଲେ ଏବେ ଅନ୍ୟ ରାସ୍ତାରେ ଯାଇ ଲୋକଙ୍କ ସେବା କରିବାକୁ ଇଚ୍ଛା। ସମ୍ବଲପୁରର ସର୍ବାଙ୍ଗିନ ଉନ୍ନତି କରିବାରେ ଚେଷ୍ଟା କରିବେ। ଭିମ୍‌ସାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଧାର ଆଣିବା ଓ ମାଫିଆଙ୍କ କବଳରୁ ମୁକ୍ତ କରିବା, ଶିକ୍ଷା, ରୋଜଗାର, ଭତ୍ତା ବୃଦ୍ଧି କରିବା, ପ୍ରତ୍ୟକ ପରିବାରକୁ ମାସିକ ୭୨ ହଜାର ଟଙ୍କା ଆର୍ଥିକ ସହାୟତା ଦେବା, ସମ୍ବଲପୁରକୁ ଟୁରିଷ୍ଟ ହବ, ହାଇକୋର୍ଟ ବେଞ୍ଚ ସ୍ଥାପନ, କୃଷି ଋଣ ଛାଡ କରିବା ଭଳି ଦିଗରେ କାମ କରିବେ ବୋଲି କହିଥିଲେ । ତେବେ ଉପସ୍ଥିତ ଜନ ସାଧାରଣ ତାଙ୍କୁ ସିଧା ସଳଖ କେତେକ ପ୍ରଶ୍ନ ପଚାରିଥିଲେ।

## ବିଜେଡିର ନିର୍ବାଚନୀ ସଭା

**ରେଙ୍ଗାଲି, ୧୭।୪ (ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ ରେଙ୍ଗଲୋଇ ପଞ୍ଚାୟତ ମରାପଡରାଠାରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁଙ୍କ ସଭାପତିତ୍ୱରେ ଏହି ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାଗୁଡିକୁ ଲୋକଙ୍କୁ ବୁଝାଇବା ସହିତ ବିଜେଡି ପାଇଁ ଭୋଟ ଭିକ୍ଷା କରାଯାଇଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥିନୀ ରୀନା ତନ୍ତି, ରେଙ୍ଗାଲି ପୂର୍ବତନ ବିଧାୟକ ରମେଶ ପଟୁଆ, ମୋତିଲାଲ ତନ୍ତି, ଇଂ. ଗାନ୍ଧୀ ବେହେରା, ଶଶି ସାହୁ, ପ୍ରଦୀପ ସାହୁ, ସତ୍ୟନାରାୟଣ ଅଗ୍ରୱାଲ, ମୁରାରୀ ବିଶ୍ୱାଳ, ଲାଲ ବିନୟ ସିଂ, ଆନନ୍ଦ ସୋରେନ ଉପସ୍ଥିତ ଥିଲେ।

## ସର୍ବ ଭାରତୀୟ ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମକୁ ଆଧାତ୍ମିକା ମନୋନୀତ

**ସମ୍ବଲପୁର, ୧୭।୪ (ବ୍ୟୁରୋ)**



ଆଧାତ୍ମିକା ପଣ୍ଡା ।

ସମ୍ବଲପୁର ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଆଧାତ୍ମିକା ପଣ୍ଡା ସର୍ବ ଭାରତୀୟ ଯୁବ ବୈଜ୍ଞାନିକ ପ୍ରୋଗ୍ରାମ–୨୦୧୯ ସକାଶେ ମନୋନୀତ ହୋଇଛନ୍ତି । ବାଙ୍ଗାଲୋରସ୍ଥିତ ଇସ୍ରୋ ମୁଖ୍ୟାଳୟରେ ମେ ୧୨ରୁ ୨୬ ତାରିଖ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ଏଥିରେ ଦେଶର ବିଭିନ୍ନ ଅଞ୍ଚଳରୁ ମନୋନୀତ ଛାତ୍ରୀଛାତ୍ର ସାମିଲ ହେବେ । ଇସ୍ରୋ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଛାତ୍ରୀଛାତ୍ରଙ୍କ ଯୋଗାଇ ଦିଆଯିବ । ବୁଧବାର ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧକ୍ଷ ଡି ମୂରଲୀ କ୍ରିଷ୍ଣା, ପରିଚାଳନା ନିର୍ଦ୍ଦେଶକ ଡ. ନାଗେଶ୍ୱର ରାଓ, ଜି. ଭାସ୍କର ରାଓ ଏବଂ ବିକାଶ ଜୁନିୟର କଲେଜ ଅଧକ୍ଷ ସଞ୍ଜୀବ ବାବୁ ବୁଧବାର ଆଧାତ୍ମିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସବ୍ ଜେଲ୍‌ରେ ଆଇନ ସଚେତନତା ଶିବିର

**ରେଢାଖୋଲ,୧୭।୪ (ଡି.ଏନ.ଏ.)**

ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ବୁଧବାର ଅପରାହ୍ନରେ ସବ୍ ଜେଲ ପରିସରରେ ଅନ୍ତେବାସୀଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଆଇନସେବା ପ୍ରାଧିକରଣ ସମିତିର ଅଧକ୍ଷ ତଥା ସବ୍ ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ହାରୁନ ଖାନ, ରିମାଣ୍ଡ ଆଡଭୋକେଟ ଉମାକାନ୍ତ ମହାନନ୍ଦ, ଏସଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜେଲ ଅନ୍ତେବାସୀମାନଙ୍କ ପାଇଁ ଥିବା ବିଭିନ୍ନ ଆଇନସେବା ଉପରେ ସଚେତନତା କରାଯାଇଥିଲା। ମଗଣାରେ ଆଇନଗତ ସାହାଯ୍ୟ, ଓକିଲ ନିଯୁକ୍ତି ଓ ସରକାର ଯୋଗାଇ ଦେଉଥିବା ବିଭିନ୍ନ ସେବା ଉପରେ ଆଲୋଚନା କରାଯାଇଥିଲା। ସଚେତନତା ଶିବିରରେ ସବ୍ ଜେଲର ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଥିବା ବେଳେ ଫ୍ରଣ୍ଟ ଅଫିସ କର୍ମଚାରୀମାନେ ସହଯୋଗ କରିଥିଲେ।



ରେଢାଖୋଲ ସବ୍ ଜେଲରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ସିଆଇଏଲ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ

## ବିଳାସପୁର ଏସ୍‌ଇସିଏଲ ଚାମ୍ପିୟନ

**ସମ୍ବଲପୁର, ୧୭।୪ (ବ୍ୟୁରୋ)**



ସିଆଇଏଲ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ଚାମ୍ପିୟନ ବିଳାସପୁର ଦଳ ଟ୍ରଫି ସହ (ବାମ)। ସିଆଇଏଲ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ରନର୍ସ ଅପ୍ ରାଞ୍ଚି ଦଳ ଟ୍ରଫି ସହ।

ସିଆଇଏଲ ଆନ୍ତଃ କମ୍ପାନୀ ଟେବୁଲ ଟେନିସ ଟୁର୍ନାମେଣ୍ଟ ବୁଧବାର ବୁର୍ଲା ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଆନନ୍ଦବିହାର କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ବିଳାସପୁର ଏସଇସିଏଲ କମ୍ପାନୀ ଚାମ୍ପିୟନ ହୋଇଥିବା ବେଳେ ସିଏମପିଡିଆଇଏଲ ରାଞ୍ଚି ଦଳ ରନର୍ସ ଅପ୍ ଟ୍ରଫି ହାସଲ କରିଛି । ପୁରସ୍କାର ବିତରଣ ଉତ୍ସବରେ ଏମସିଏଲ ଯୋଜନା ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ଓ.ପି. ସିଂ ମୁଖ୍ୟଅତିଥି, ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ଶ୍ରମିକ ପ୍ରତିନିଧି ଏସ.ଇ. ପ୍ରଧାନ, ଏସ.କେ. ମାଝି, ସୁଧାକର ସାମଲ, ବ୍ରହ୍ମା ନାୟକ, ପି.କେ. ନୋଟିଆଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ଏଥିରେ ଆସାନସୋଲ, ପଶ୍ଚିମବଙ୍ଗ, ସିଙ୍ଗରୋଲି, ବିଳାସପୁର, ରାଞ୍ଚି, ନାଗପୁର, ଧାନବାଦ, କୋଠାଗୁଡଙ୍ଗ, କୋଲକତା, ସମ୍ବଲପୁରସ୍ଥିତ କୋଇଲା କମ୍ପାନୀ ଭାଗ ନେଇଥିଲା । ଅପରପକ୍ଷେ ବିଳାସପୁରର ସୁରେଶ ଜସୱାଲ ବ୍ୟକ୍ତିଗତ ଚାମ୍ପିୟନ ଓ ଡବ୍ଲୁସିଏଲର ସେକ ଇବ୍ରାହିମ ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି । ସେହିପରି ମହିଳା ସିଙ୍ଗଲ ବିଭାଗରେ ଡବ୍ଲୁସିଏଲ ଖେଳାଳି ଅଞ୍ଜୁ ବୋଷ ଚାମ୍ପିୟନ ଓ ଏମସିଏଲର ପ୍ରିୟା ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି। ମହିଳା ଡବଲ ବିଭାଗରେ ଅଞ୍ଜୁ ବୋଷ ଓ ପରମଜିତ କୌର ଚାମ୍ପିୟନ ଏବଂ ନନ୍ଦା ଉପନାୟର ରନର୍ସ ଅପ୍ ଟ୍ରଫି ହାସଲ କରିଛନ୍ତି । ଆନ୍ତଃ ଜାତୀୟ ଅମ୍ପାୟର ସୁଜିତ କୁମାର ରାୟ, ଏସ.ଏସ .ଷଡଙ୍ଗୀ, ଦିଶାନ ପରିଡା, ସମ୍ବିତ ଦାଶ ଓ ଏମ ଈଶ୍ୱର ରାଓ ମ୍ୟାଚ ପରିଚାଳନା କରିଥିଲେ । ଏମସିଏଲ ମୁଖ୍ୟାଳୟ କଲ୍ୟାଣ ବିଭାଗ ମହାପ୍ରବନ୍ଧକ ପି.ସି. ସେଠୀ, କଲ୍ୟାଣ ବିଭାଗ ବରିଷ୍ଠ କାର୍ମିକ ପ୍ରବନ୍ଧକ ଏମ.ଆର. ପୂଜାରୀ, ଉପ ପ୍ରବନ୍ଧକ ଆସ୍ତିକ ପ୍ରସାଦ ସାହୁ ମ୍ୟାଚ ପରିଚଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବତୀ ମୃତ

**ବରଗଡ଼ ଅଫିସ୍,୧୭।୪:** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ଗ୍ରାମର ଜଣେ ଯୁବତୀ କେନାଲରେ ଗାଧୋଉ ଥିବାବେଳେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତା ଯୁବତୀ ଜଣକ ଚେକୁରୀ ଗିରି ପ୍ରିୟଙ୍କା (୧୮) । ସେ ଜଣେ କଲେଜ ଛାତ୍ରୀ ଏବଂ ଛାତ୍ରୀ ନିବାସରେ ରହୁଥିଲେ । ଗତ କିଛିଦିନ ତଳେ ସେ ଘରକୁ ଆସିଥିଲେ ଏବଂ ଅନ୍ୟ ୨ ସାଙ୍ଗଙ୍କ ସହିତ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

### ପ୍ରାକ୍ ନିର୍ବାଚନୀ ହିଂସା ଘଟଣା

## ଏସ୍‌ପିଙ୍କୁ ଭେଟିଲେ ଭାଜପା ପ୍ରାର୍ଥୀ

**ବରଗଡ଼ ଅଫିସ୍,୧୭।୪:** ବରଗଡ଼ ଜିଲା ଭଟଲି ଓ ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଧବାର ସଂଘଟିତ ପ୍ରାକ୍ ନିର୍ବାଚନୀ ହିଂସାକୁ ନେଇ ସନ୍ଧ୍ୟାରେ ଭାଜପାର ବରଗଡ଼ ଲୋକସଭା ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ ଭଟଲି ବିଧାନସଭା ପ୍ରାର୍ଥୀ ଇରାସିସ୍ ଆଚାର୍ଯ୍ୟ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଭେଟିଥିଲେ । ସେମାନେ ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମତଦାନ ସମୟରେ ଭୋଟ ଗ୍ରହଣ କେନ୍ଦ୍ରରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଦାବି କରିଥିଲେ । ଫ୍ଲାଗ ମାର୍ଚ୍ଚ କରାଯିବା ସହିତ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ଭାମୁ ପ୍ରତିଶ୍ରୁତି ଦେଇଥିଲେ । ପ୍ରକାଶଥାଉକି, ବୁଧବାର ବିଜେପୁର ନିର୍ବାଚନ ମଣ୍ଡଳୀ ଅଧୀନ କନ୍ଧରା ଗ୍ରାମରେ ଭାଜପା ପ୍ରାର୍ଥୀ ସନତ କୁମାର ଗଡ଼ତୀୟାଙ୍କ କାର୍ ଉପରକୁ ଢ଼େଲା ପଥର ମାଡ଼ହୋଇ ଥିବାବେଳେ ଭଟଲି ନିର୍ବାଚନ ମଣ୍ଡଳୀର ତରାକନା ଗ୍ରାମରେ ଭାଜପା ସମର୍ଥକଙ୍କୁ ବିଜେଡ଼ି ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ପୋଲିସରେ ଏତଲା ହୋଇଛି । ଦିନକରେ ଜିଲାର ଦୁଇଟି ପୃଥକ ସ୍ଥାନରେ ଭାଜପା ପ୍ରାର୍ଥୀ ଓ ସମର୍ଥକଙ୍କ ଉପରକୁ ଏଭଳି ଆକ୍ରମଣ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

## ଭୋଟ ପାଇଁ ପ୍ରସ୍ତୁତି ଶେଷ, ଆଜି ମତଦାନ

**ପାଇକମାଳ,୧୭।୪(ଡି.ଏନ.ଏ)**

ଚଳିତ ନିର୍ବାଚନ ପାଇଁ ପାଇକମାଳ ବ୍ଲକର ସମସ୍ତ ୧୧୦ଟି ବୁଥରେ ପୋଲିଂ ପାର୍ଟି ମଙ୍ଗଳବାର ପହଞ୍ଚିଥିବା ବେଳେ ଅତି ସମ୍ବେଦନଶୀଳ ୭ଟି ବୁଥ୍‌ରେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହି ଟିମ୍ ପହଞ୍ଚିଥିଲେ । ଏହି ବ୍ଲକରେ ପୋଲିଂ ପାର୍ଟିରେ ୬୪ ଜଣ ମହିଳାଙ୍କୁ ନିୟୋଜିତ କରାଯାଇଛି । ସେମାନଙ୍କ ରହିବା ପାଇଁ ପାଇକମାଳ ଧର୍ମଶାଳାରେ ବ୍ୟବସ୍ଥା କରାଯାଇଛି । ଭୋଟ୍ ଗ୍ରହଣର ଘଣ୍ଟାଏ ପୂର୍ବରୁ ପ୍ରଶାସନ ସେମାନଙ୍କୁ ଭୋଟ୍ କେନ୍ଦ୍ରରେ ପହଞ୍ଚାଇବାର ବ୍ୟବସ୍ଥା କରିଛି । ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିସାରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ କୌଣସି ଗଣ୍ଡଗୋଳ ହୋଇ ନାହିଁ ବୋଲି ପାଇକମାଳ ବ୍ଲକ ନିର୍ବାଚନ ଅଧିକାରୀ ସଦାଶିବ ନାୟକ ଓ ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି । ଗତ ୧୦ ତାରିଖ ରାତିରେ ମାଓବାଦୀମାନେ ନୃସିଂହନାଥରେ ବ୍ୟାନର ସହ ପୋଷ୍ଟର ମାଧ୍ୟମରେ ନିର୍ବାଚନକୁ ବର୍ଜନ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ସେଥିପାଇଁ ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ଗାଁର ଲୋକେ ଭୟଭୀତ ଅଛନ୍ତି । ଖପୁରିଡିହି ଗ୍ରାମର ଭୋଟ କେନ୍ଦ୍ର ୭ କିମି ଦୂରରେ ଥିବାରୁ ଗ୍ରାମବାସୀ ଭୋଟବର୍ଜନ ପାଇଁ ବୈଠକ କରିଥିଲେ । ଏହି ଘଟଣା ଜଣାପଡିବା ପରେ ବିଡିଓ ନାୟକ ଉକ୍ତ ଗାଁକୁ ଯାଇ ଲୋକମାନଙ୍କୁ ବୁଝାଶୁଝା କରିଛନ୍ତି ।

# ବଢୁଛି ମତଦାନ ହାର

### ବରଗଡ଼ ଜିଲା

**ବରଗଡ଼ ଅଫିସ୍,୧୭।୪**

ଗୁରୁବାର ବରଗଡ଼ ଜିଲାରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହେବ। ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବା ଯୋଗୁ ଜିଲାର ପଦ୍ମପୁର, ଭଟଲି ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ଅପରପକ୍ଷେ ଅନ୍ୟ ୩ ନିର୍ବାଚନ ମଣ୍ଡଳୀ ଅତାବିରା, ବରଗଡ଼ ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରିବ । ବିଗତ ସାଧାରଣ ନିର୍ବାଚନର ମତଦାନକୁ ଅନୁଧ୍ୟାନ କଲେ ଜିଲାରେ ମତଦାନ ହାର ବଢ଼ିବାରେ ଲାଗିଛି । ଏଥର ମଧ୍ୟ ଯେଭଳି ସବୁ ଦଳ ମଧ୍ୟରେ କଡ଼ା ଟକ୍କର ଚାଲିଛି । ଏଠାରେ ଏହି ହାର ପୂର୍ବାପେକ୍ଷା ବଢ଼ିପାରେ ବୋଲି ଆଶା କରାଯାଉଛି । ମାତ୍ର ମତଦାନ ଦିବସର ଅବ୍ୟବହିତ ପୂର୍ବରୁ ବିଜେପୁର, ଭଟଲି ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖାଯାଇ ଥିବାବେଳେ ତାହା ମତଦାନ ହାରକୁ କିଛିମାତ୍ରାରେ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି । କିନ୍ତୁ ମତଦାନ ପାଇଁ ଜିଲାରେ ଯେଭଳି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି, ସେଭଳି ପ୍ରାକ୍ ନିର୍ବାଚନୀ ହିଂସା ମତଦାନ ଉପରେ କିଛି ପ୍ରଭାବ ପକାଇ ପାରିବ ନାହିଁ ବୋଲି ମଧ୍ୟ ମତପ୍ରକାଶ ପାଇଛି ।

ଜିଲାର ଅତାବିରା ନିର୍ବାଚନ ମଣ୍ଡଳୀରେ ଗତ ୨୦୦୯ ସାଧାରଣ ନିର୍ବାଚନରେ ୬୫.୮୯ ପ୍ରତିଶତ ମତଦାନ ହୋଇଥିଲା । ସେତେବେଳେ ସମୁଦାୟ ଭୋଟର ମଧ୍ୟରୁ ୧ଲକ୍ଷ ୨୪ହଜାର ୬୨୦ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ଏହା ୭୬.୬୧ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସମୁଦାୟ ୨ଲକ୍ଷ ୨ହଜାର ୨୭୭ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୫୪ହଜାର ୯୪୩ ଭୋଟର ଭୋଟ୍ ଦେଇଥିଲେ। ବରଗଡ଼ ନିର୍ବାଚନ ମଣ୍ଡଳୀରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା । ୨୦୦୯ ଅପେକ୍ଷା ୨୦୧୪ ସାଧାରଣ ନିର୍ବାଚନରେ ଏଠାରେ ଅଧିକ ୮.୫୪ ପ୍ରତିଶତ ଭୋଟର୍ ଭୋଟ୍ ଦେଇଥିଲେ । ୨୦୦୯ରେ ଏଠାରେ ମତଦାନ ହାର ୬୪.୭୫ ପ୍ରତିଶତ ଥିବାବେଳେ ୨୦୧୪କୁ ତାହା ୭୩.୪୯ ପ୍ରତିଶତକୁ ବଢ଼ିଥିଲା ।

ଭଟଲି ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ସୁଦ୍ଧା ଏଠାରେ ମଧ୍ୟ ମତଦାନ ହାର ବଢ଼ିଛି । ୨୦୦୯ ସାଧାରଣ ନିର୍ବାଚନରେ ଏଠାରେ ୭୪.୧୧ ପ୍ରତିଶତ ମତଦାନ ହୋଇଥିବାବେଳେ ୨୦୧୪ରେ ତାହା ୮୧.୨୪ ପ୍ରତିଶତକୁ ବୃଦ୍ଧି ପାଇଥିଲା । ମାତ୍ର ସେତେବେଳେ ଏଥର ଭଳି ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳି ନ ଥିଲା। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଗତ ନିର୍ବାଚନ ଗୁଡ଼ିକରେ ମତଦାନ ହାର କମ୍ ନ ଥିଲା । ୨୦୦୯ ସାଧାରଣ ନିର୍ବାଚନରେ ଏଠାରେ ୭୫.୫୧ ପ୍ରତିଶତ ରହିଥିବାବେଳେ ୨୦୧୪ରେ ତାହା ୭୯.୧୬ ପ୍ରତିଶତକୁ ବୃଦ୍ଧି ପାଇଥିଲା ।

ବହୁଚର୍ଚ୍ଚିତ ବିଜେପୁର ନିର୍ବାଚନ ମଣ୍ଡଳୀରେ ମଧ୍ୟ ମତଦାନ ସେଭଳି ହ୍ରାସ ପାଇନାହିଁ । ୨୦୦୯ ନିର୍ବାଚନରେ ଏଠାରେ ମତଦାନ ହାର ୭୦.୨୩ ପ୍ରତିଶତ ରହିଥିଲା । ୨୦୧୪ରେ ଏହା ୮୦. ୨୯ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହିପରି ୨୦୧୮ ଉପନିର୍ବାଚନରେ ଏଠାରେ ମତଦାନ ହାର ୭୭ରୁ ୮୦ ପ୍ରତିଶତ ମଧ୍ୟରେ ରହିଥିବାବେଳେ ଏଥର ବିଜେଡ଼ି ପକ୍ଷରୁ ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବାରୁ ମତଦାନ ହାର ପୂର୍ବାପେକ୍ଷା ଯଥେଷ୍ଟ ବଢ଼ିପାରେ ବୋଲି ଆଶା କରାଯାଉଛି। ଅନ୍ୟପଟେ ଚାଷୀ ସମସ୍ୟା ଉପରେ କୌଣସି ଦଳ ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ନୋଟାରେ ମତାଧିକାର ସାବ୍ୟସ୍ତ କରିବ ବୋଲି ନିଷ୍ପତ୍ତି ନେଇଛି । ଫଳରେ ଏଥର ନୋଟାରେ ଭୋଟ୍ ହାର ଅନ୍ୟ ଥର ଅପେକ୍ଷା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଗତ ୨୦୧୪ ସାଧାରଣ ନିର୍ବାଚନରେ ଅତାବିରା ନିର୍ବାଚନ ମଣ୍ଡଳୀରେ ୧୫୦୯, ବରଗଡ଼ ୧୭୫୪, ଭଟଲି ୧୦୪୬, ପଦ୍ମପୁର ୧୭୫୧ ଏବଂ ବିଜେପୁର ନିର୍ବାଚନ ମଣ୍ଡଳୀରେ ୧୨୮୫ଟି ଭୋଟ୍ ନୋଟାରେ ପଡ଼ିଥିଲା । ଏଥର ମତଦାନ ହାର କିଭଳି ରହିବ, ଗୁରୁବାର ସ୍ପଷ୍ଟ ହେବ । ସେହିପରି ଭୋଟ୍ ଗଣତି ପରେ ନୋଟାରେ ଭୋଟ୍ ହାର କମିଛି ନା ବଢ଼ିଛି, ତାହା ଜଣାପଡ଼ିବ ।



ସାଂସ୍କୃତିକ ମଞ୍ଚରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ ‘ଉକିଆ’ ଉଦ୍‌ଯାପିତ

**ଘେଁସ,୧୭।୪(ଡି.ଏନ.ଏ)**

ବରଗଡ ଜିଲା ବିର୍ଜାମ ଗ୍ରାମରେ ତିନି ଦିନ ଧରି ଚାଲିଥିବା ଶ୍ରୀରାମ ନବମୀ ପୂଜା ମହୋତ୍ସବର ପରିସମାପ୍ତି ଘଟିଛି। ପ୍ରତ୍ୟହ ପୂଜା ମଣ୍ଡପରେ ବିଧି ପୂର୍ବକ ପୂଜାର୍ଚ୍ଚନା ହୋଇ ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୂତି ପଡିଥିଲା । ସେହିପରି ବର୍ତ୍ତମାନ ସମାଜରେ ଲୁପ୍ତପ୍ରାୟ କଳା, ସଂସ୍କୃତି, ପରମ୍ପରାକୁ ବଞ୍ଚାଇବାର ପ୍ରୟାସ ସହ ସମାଜରେ ଲୁଚ୍କାୟିତ ପ୍ରତିଭାଙ୍କୁ ଉପଯୁକ୍ତ ସମ୍ମାନ ଏବଂ ସମ୍ବର୍ଦ୍ଧନା ଦେଇ ନିଜ ମାଟିର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆୟୋଜିତ ଲୋକ ମହୋତ୍ସବ ‘ଉକିଆ’ ଉଦ୍‌ଯାପିତ ହୋଇଯାଇଛି । ପୂଜା କମିଟି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଯୁବ ସଙ୍ଗଠକ ବାବୁଲୁ ଦେବତା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂଜା କମିଟି ଉପଦେଷ୍ଟା ନଟବର ସାହୁ, ମଧୁସୁଦନ ସାହୁ, ନୀଳମଣି ପଧାନ, ଧର୍ମେନ୍ଦ୍ର ତ୍ରିପାଠୀ, ରିତୁ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଶ୍ୱ କୁମାର ସାହୁ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅଞ୍ଚଳର କୁନି ପ୍ରତିଭାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନିଖୁଣ କଳା ପ୍ରଦର୍ଶନ କରିଥିବା କଳାକାରଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ରାତିରେ ସମ୍ପ୍ରଦା, ଭାଗବତ ପାରାୟଣ ଏବଂ ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା। ପୂଜା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ମାଁ କନ୍ଦେନବୁଢ଼ି କ୍ରିକେଟ କ୍ରିକେଟ ଟୁର୍ନାମେଣ୍ଟ

## ବନ୍ଧଗୋରା ଦଳ ଚାମ୍ପିୟନ


ବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରାଯାଉଛି ।

**ଘଣ୍ଟାପଡା,୧୭।୪(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଫଟାମୁଣ୍ଡା ଯୁବୋଦୟ ୟୁଥ୍ କ୍ଲବ ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାତ୍ରିକାଳୀନ ମାଁ କନ୍ଦେନବୁଢ଼ି କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିଦିବସୀୟ ପ୍ରତିଯୋଗିତାର ଅନ୍ତିମ ଦିବସର ପ୍ରଥମ ଲିଗ୍ ମ୍ୟାଚରେ ବନ୍ଧଗୋରା ଦଳ ରେଘାମୁଣ୍ଡା ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା । ଦ୍ୱିତୀୟ ଲିଗ୍ ମ୍ୟାଚରେ ଦେଢେଣମାଲ ଦଳ କଳରାକୋଠାକୁ ହରାଇ କ୍ୱାର୍ଟରକୁ ପ୍ରବେଶ କରିଥିଲା। ତୃତୀୟ ଲିଗ୍ ମ୍ୟାଚରେ ଆମ୍ବଗାଁ ଦଳ ପୁଟୁକିପାଲିକୁ ପରାସ୍ତ କରିଥିଲା। ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ମୁଚେଲପଦର ଦେଓଗାଁ ଦଳକୁ ହରାଇ ଫଟାମୁଣ୍ଡା ଦଳ ସହିତ ଖେଳି ପରାଜିତ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ଖେଳରେ ବନ୍ଧଗୋରା ଦଳ ଦେଢେଣମାଲକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳରେ ଫଟାମୁଣ୍ଡା(କ) ଆମ୍ବଗାଁ ଦଳକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଖେଳରେ ବନ୍ଧଗୋରା ଦଳ ଫଟାମୁଣ୍ଡା(କ)କୁ ହରାଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲ ଖେଳ ଉଡେର ଏବଂ ବନ୍ଧଗୋରା ଦଳ ମଧରେ ଅନୁଷ୍ଠିତ ହୋଇଥିଲା । ବନ୍ଧଗୋରା ଦଳ ଟସ୍ ଜିଣି ବ୍ୟାଟିଙ୍ଗ ଆରମ୍ଭ କରି ନିର୍ଦ୍ଧାରିତ ୬ ଓଭରରେ ଗୋଟିଏ ଉଇକେଟ୍ ବିନିମୟରେ ୫୦ ରନ୍ ସଂଗ୍ରହ କରିଥିଲା । ଜବାବରେ ଉଡେର ଦଳ ୨ ଉଇକେଟରେ ୪୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ପୁରସ୍କାର ବିତରଣ ସଭାରେ ବଂଶୀଧର ମାଝୀ, କ୍ଲବ ସଭାପତି ପରମାନନ୍ଦ ଠେଲା, ସାମାଜିକ କର୍ମୀ ସତନ ମେଣ୍ଡିଲି ଏବଂ ଅର୍ଜୁନ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନ୍ଧଗୋରା ଦଳର ଭୋଜରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ଉଡେର ଦଳର ସରୋଜଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ବିଜେତା ବନ୍ଧଗୋରା ଓ ଉପବିଜେତା ଉଡେର ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ଶିବଶଙ୍କର କାଲସେ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଭୋଜରାଜ ମହାକୁଡ ସ୍କୋରର ଥିଲେ । ଦେବେନ୍ଦ୍ର ଭୋଇ, ଖଗପତି ଠେଲା, ଶଙ୍କର୍ଷଣ ସାହୁ, ଭଜମନ ଘିଭେଲା ଓ ଭୀମରାଜ ଭୋଇ ଖେଳ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ମତଦାନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ

**ବୌଦ୍ଧ,୧୭।୪(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଭୋଟିଂ ସାମଗ୍ରୀ ସହ କର୍ମଚାରୀମାନେ ପୁଲିଂ ବୁଥ ଗୁଡିକରେ ପହଞ୍ଚିପାରିଛନ୍ତି । ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିବା ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମତଦାତାମାନଙ୍କ ପାଇଁ ବୁଥରେ ପାନୀୟଜଳ, ଟେଣ୍ଟ ସୁବିଧା ସହ ୨୭୮୮ ଜଣ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ହ୍ୱିଲ ଚେୟାରଠାରୁ ଆରମ୍ଭ କରି ଘରୁ ନେବା ଆଣିବା ପାଇଁ ୪୫୦ଟି ଯାନ ଓ ୮୨୨ ଜଣ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଛି। ଏଥର ନିର୍ବାଚନ ପୂର୍ବରୁ ପ୍ରଶାସନ ପକ୍ଷରୁ ଶତ ପ୍ରତିଶତ ମତଦାନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ପରିବାର ନିକଟରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସେମାନଙ୍କ ଭୋଟର ସ୍ଲିପ ପହଞ୍ଚାଯାଇଛି। ପ୍ରତ୍ୟେକ ବୁଥ୍‌ସ୍ତରରେ ମତଦାନ ସଚେତନତା ରଥ ପରିକ୍ରମା କରିବା ସହିତ ମତଦାତାମାନଙ୍କୁ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ସଚେତନ କରାଯାଇଛି। ମତଦାନ ପୂର୍ବରୁ ବୁଥ ସମ୍ମୁଖରେ ସବୁ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ମକ୍‌ପୋଲ ନିଶ୍ଚିତ କରାଇବାକୁ ପୁଲିଂ ବୁଥରେ ନିୟୋଜିତ କର୍ମଚାରୀମାନଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି । ଭୋଟ ପରିଚୟପତ୍ର ନ ଥିଲେ ମତଦାତାମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଯେ କୌଣସି ଫଟୋ ପରିଚୟପତ୍ରକୁ ମତଦାନ ପାଇଁ ବ୍ୟବହାର କରିପାରିବେ। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଜିଲାପାଳ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ଶୀତାଂଶୁ କୁମାର ରାଉତ ଓ ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଏନସି ଜ୍ୟୋତିରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ପ୍ରମୁଖ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟର ତଦାରଖ କରୁଛନ୍ତି । ଏଥିସହିତ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପରିଚାଳନା ଉପରେ କଡା ନଜର ରଖିଛନ୍ତି ।

### ବାଟବନା ହେଇଛେ ଆମ ଗାଁ ଆମ ବିକାଶ ଯୋଜନା

## ମଉଲିକ ସୁବିଧାରୁ ବଁଚିତ କୁଡ଼ାପଡ଼ାବାସୀ

**ଜାମଟିକ୍ରା, ୧୭।୪ (ଡି.ଏନ.ଏ)**

ଗାଁଗଁଲିର ବିକାଶ ଲାଗି ଚଲତି ବଛର ପଞ୍ଚାୟତିରାଜ ଦିବସଠାନୁ ରାଏଜ୍ ସରକାର ‘ଆମ ଗାଁ ଆମ ବିକାଶ’ କାଯ୍‌କରମ ଆରମ୍ କରିଛନ୍। ଇ କାଯ୍‌କରମ ଜରିଆରେ ମୁଖ୍ୟମନ୍ତ୍ରୀ ଭିନେ ଭିନେ ସମିଆରେ ନିରବାଚିତ ପଁଚେତ୍ ପରତିନିଧିମାନକର ସଂଗେ ଭିଡିଓ କନଫରେନ୍ସିଂରେ ଆଲୋଚନା କରି ବିକାଶମୂଳକ ପ୍ରକଳ୍ପମାନକର ଲାଗି ଟଁକା ମଞ୍ଜୁର କରୁଛନ୍। ହେଲେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର ଖଲିଆପାଲି କୁଡ଼ାପଡ଼ା ଇ ସବୁ ବିକାଶମୂଳକ ଯୋଜନାର ବହୁତ ଦୂରେ ରହିଛେ।

ସୂଚନା ଅନ୍‌ସାରେ କୁଡ଼ାପଡ଼ାରେ ପାଖାପାଖି ୭୦ ପରିବାରର ୪ଶହ ଲୋକ୍ ବାସ୍ କରୁଛନ୍। ପଡ଼ାର ସବୁ ପରିବାର ଗରିବ୍ ଶ୍ରେଣୀର ହେଇଥିଲାବେଲେ ପରହର କାମ୍‌ବୁତା କରି ନିଜର କୁଟୁମ ପୁଷୁଛନ୍। ହେଲେ ଆଏଜ୍‌ତକ୍ ଇ ପଡ଼ାବାସୀ ଅନେକ ମଉଲିକ ସୁବିଧା ସୁଯୋଗରୁ ବଁଚିତ ହେଇଥିବାର ଜନାଯାଇଛେ। ଭୋଟ ବେଲେ ପଡ଼ାକେ ନେତା, ମନ୍ତ୍ରୀକର ଧାର ଲମୁଛେ, ସଭେ ହାତୀ ଦେମୁ, ଘୁଡ଼ା ଦେମୁ ବଲି ବଡ଼ ବଡ଼ କଥା ହାକୁଛନ୍। ହେଲେ ଭୋଟ ସଏଲେ ୫ ବଛର ତକ୍ ଆର କାହାରି ଦେଖା ଦରଶନ ନାଇଁ ମିଲବାର ବଲି ପଡ଼ାବାସୀ ଅଭିଯୋଗ କରିଛନ୍। ପଡ଼ାର ସବୁ ପରିବାର ଗରିବ୍ ଶ୍ରେଣୀର ହେଇଥିଲେ ବି ଆଏଜ୍‌ତକ୍ ସରକାରୀ ଯୋଜନାରେ କେହି ଘରଖଁଡ଼େ ନାଇଁ ପାଇପାରି। ସେନ୍‌ତା ପଡ଼ାରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ପଡ଼ାରେ ୧୨ଟା ଘରେ ପାଇଖାନା ତିଆର ହେଇଛେ। ହେଲେ ଅତି ହଲକା କାମ୍ ଲାଗି ପାଇଖାନା ବେଭାର କରି ନାଇଁ ହେଉଥିବାର ଅଭିଯୋଗ ହେଉଛେ। ପଡ଼ାରେ ୨ ବଛର ହେଲା ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛେ, ଘରମାନକେ ମିଟର ବସେଇ ତାର ଟନା ଯାଇଛେ। ହେଲେ ଆଏଜ୍‌ତକ୍ ବିଦ୍ୟୁତ ସଂଯୋଗ ନାଇଁ ହେଇପାରି। ଯେନ୍‌ଥିରଲାଗି ପଡ଼ାବାସୀ ଆଏଜ୍‌ବି ବେଲବୁଡ଼ଲେ ଡିବିରି, ଲାଲ୍‌ଟିନ ଜାଲି ରହୁଛନ୍। ପଡ଼ାର ଅନେକ ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ହେଇଥିଲାବେଲେ କେହି ହରିଶ୍ଚନ୍ଦ୍ର ଯୋଜନାର ଲାଭ ନାଇଁ ପାଇଥିବାର ଜନାଯାଇଛେ। ପଡ଼ାରେ ଗୁଟେ ଅଙ୍ଗନୱାଡି କେନ୍ଦ୍ର ରହିଛେ ସତ୍ ହେଲେ ଆଏଜ୍‌ତକ୍ ପ୍ରାଥମିକ ବିଦ୍ୟାଲୟଟେ ଥାପନା ନାଇଁ ହେଇପାରି। ‘ଆମ ଗାଁ ଆମ ବିକାଶ’ ଯୋଜନାରେ ପଡ଼ାକେ ଟଁକାଟେ ନାଇଁ ଆସିଥିବାର ଗାଁବାସୀ କହିଛନ୍। ପଡ଼ାର ସମସିଆ ବାବ୍‌ଦେ ପଡ଼ାବାସୀ ଅନେକ ଥର ଥାନୀୟ ସରପଁଚ୍, ବିଡିଓ ଆର ବିଧାୟିକାକୁଁ ଗୁହାରି କରି ନିରାଶ ହେଇଥିବାର ଗଣମାଧମ ଆଘେ ବଖାନିଛନ୍। ଇ ସବୁ ସମସିଆ ବାବ୍‌ଦେ ଥାନୀୟ ସରପଁଚ୍ ପୁଷ୍ପକାନ୍ତୀ ସେଠକୁଁ ପଚରାଲାରୁ ଯେତେ ଜଲଦି ହେବା ସମସିଆର ସମାଧାନ ଲାଗି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।


ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍‌ର ଖଲିଆପାଲି କୁଡ଼ାପଡ଼ାବାସୀ ।

### ଫଟୋରେ ଖବର


ବୁଧବାର ବରଗଡ ଜିଲା ଭଟଲି ଥାନା ଅନ୍ତର୍ଗତ ତରାକନା ଗ୍ରାମରେ ଭାଜପା କର୍ମୀଙ୍କୁ ବିଜେଡି ସମର୍ଥକଙ୍କ ଆକ୍ରମଣ ପ୍ରତିବାଦରେ ଭାଜପା କର୍ମୀମାନେ ବରଗଡ଼-ଭଟଲି ମୁଖ୍ୟରାସ୍ତାକୁ ଅବରୋଧ କରିଛନ୍ତି ।

### ବୌଦ୍ଧ ଜିଲାରେ ଆଜି ନିର୍ବାଚନ

## ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩,୨୩,୨୩୫ ମତଦାତା

**ବୌଦ୍ଧ,୧୭।୪(ସ୍ୱ.ପ୍ର)**

ସାରା ଦେଶରେ ଚାଲିଛି ଗଣତନ୍ତ୍ରର ମହାକୁମ୍ଭ ସାଧାରଣ ନିର୍ବାଚନ। ଏହାକୁ ନେଇ ପ୍ରକାଶ ପାଇଛି ରାଜନୈତିକ ଉଷ୍ମତା। ଚା ଦୋକାନ ହେଉ କି ଦୈନିକ ବଜାର କିମ୍ବା ସରକାରୀ କାର୍ଯ୍ୟାଳୟ ସବୁଠି ଜମୁଛି ନିର୍ବାଚନ ଅଙ୍କକଷା। କାହା ମୁଣ୍ଡରେ ମତଦାତା ପିନ୍ଧାଇବେ ବିଜୟର ମୁକୁଟ । କିଏ ହେବ ସେମାନଙ୍କ ବିକାଶର ସାରଥୀ ଏହାକୁ ନେଇ ଏବେ ବୌଦ୍ଧ ଜିଲାରେ ଚର୍ଚ୍ଚା। ନିର୍ବାଚନ ପ୍ରଚାର ସରିସାରିଛି। ଗୁରୁବାର ମତଦାନ ହେବ। ତେଣୁ ପ୍ରାର୍ଥୀମାନେ ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରସ୍ତୁତିର ଶେଷ ସମୀକ୍ଷା କରିଛନ୍ତି। ଛାମୁଆଁ ନେତାମାନଙ୍କ ସହିତ ଘନ ଘନ ବୈଠକ, ପୁଲିଂ ପାଇଁ ବୁଥ ଏଜେଣ୍ଟ ନିଯୁକ୍ତି ଆଦି ପ୍ରକ୍ରିୟା ଶେଷ ହୋଇଛି । ଏଥର ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀରେ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ସମସ୍ତେ ଶେଷ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ।

ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ବାଚସ୍ପତି ପ୍ରଦୀପ କୁମାର ଅମାତ, ଭାଜପାରୁ ସୁଶାନ୍ତ ପ୍ରଧାନ, ସିପିଆଇର ଅବକାଶ ସାହୁ, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆର କେଦାରନାଥ ସାହୁ, ଏନସିପିର କୃତ୍ତିବାସ ପଲିଆ ଓ ସ୍ୱାଧୀନ ଭାବେ ଲକ୍ଷ୍ମଣ ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୯୪ଟି ବୁଥରେ ୧୫୯୬୮୮ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୮୨୦୧୭ ଜଣ ପୁରୁଷ, ୭୭୬୬୫ ମହିଳା ଓ ୬ ଜଣ ଅନ୍ୟ ବର୍ଗର ମତଦାତା ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେବ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି। ସେହିପରି କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ବିଧାୟକ ମହୀଧର ରଣା, ଭାଜପାରୁ କହ୍ନେଇଁ ଚରଣ ଡାଙ୍ଗ, କଂଗ୍ରେସରୁ ପ୍ରଶାନ୍ତ କୁମାର ସାହୁ, ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର, ମନୋରଞ୍ଜନ କୁଅଁର, ଓ ସୁଧାଂଶୁ ଡାଙ୍ଗ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ୨୧୭ଟି ବୁଥରେ ୧୬୩୫୪୭ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୮୩୩୬୦ ଜଣ ପୁରୁଷ, ୮୦୧୮୬ଜଣ ମହିଳା ଓ ଜଣେ ଅନ୍ୟ ବର୍ଗର ମତଦାତା ରହିଛନ୍ତି । ଜିଲାରେ ସମୁଦାୟ ୪୧୧ଟି ବୁଥରେ ୩୨୩୨୩୫ ମତଦାତା ୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଭାଜପା, ବିଜେଡି, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେରଙ୍କ ମଧ୍ୟରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି । ସମୁଦାୟ ମତଦାତାଙ୍କ ମଧ୍ୟରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ୪୬୪ ଜଣ, ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ୪୫୯ ଜଣ ଓ ଲୋକସଭା ପ୍ରାର୍ଥୀଙ୍କ ପାଇଁ ୯୨୪ ଜଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ପୋଷ୍ଟାଲ ବାଲାଟ ଜରିଆରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିସାରିଛନ୍ତି ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହିମ୍ ଲିଙ୍କନ



## ସଂକ୍ଷେପରେ

### ୧୧୮ ବୁଥ୍ ସମ୍ବେଦନଶୀଳ

ଟିଟିଲାଗଡ଼,୧୭।୪(ଡି.ଏନ.ଏ.): ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଗୁରୁବାର ଭୋଟ ଗ୍ରହଣ ହେବ। ଏନେଇ ସ୍ଥାନୀୟ ଡିଏଭି କଲେଜଠାରେ ଅସ୍ଥାୟୀ ନିର୍ବାଚନ କାର୍ଯ୍ୟାଳୟରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ୩୦୯ଟି ବୁଥ ଏବଂ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳିର ୩୩୪ଟି ବୁଥରେ ନିୟୋଜିତ ପୋଲିଂ କର୍ମଚାରୀ ଉପସ୍ଥିତଥିଲେ। ପରେ କର୍ମଚାରୀମାନେ ଇଭିଏମ୍, ଭିଭିପିଏଟ ମେଶିସ ସହ ଆବଶ୍ୟକ ସାମଗ୍ରୀ ଧରି ବୁଥଗୁଡିକୁ ଯାଇଥିଲେ। ନିର୍ବାଚନ ଅଧିକାରୀ ତଥା ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ ଏହାର ତଦାରଖ କରିଥିଲେ। ବୁଧବାର ବଲାଙ୍ଗୀର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆ ଡିଏଭି କଲେଜସ୍ଥିତ ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନୀ ବ୍ୟବସ୍ଥାର ତଦାରଖ କରିଥିଲେ। ଏପରି କି ଜିଲାପାଳ କେତେକ ବୁଥକୁ ଯାଇ ପୋଲିଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ନିର୍ବାଚନମଣ୍ଡଳୀରେ ଥିବା ୧୧୮ଟି ସମ୍ବେଦନଶୀଳ ବୁଥରେ ମତଦାନକୁ କିପରି ଶାନ୍ତିଶୃଙ୍ଖଳାରେ କରାଯିବ ସେନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରି କି ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ସହରର ୨୭ଟି ବୁଥରେ ମହିଳା ପୋଲିଂ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି। ସମ୍ବେଦନଶୀଳ ଘୋଷିତ ୧୧୮ଟି ବୁଥ ମଧ୍ୟରୁ ୧୩ଟି ବୁଥରେ ଭୋଟଗ୍ରହଣର ସିଧାପ୍ରସାରଣ କରାଯିବ, ୬୯ଟି ବୁଥରେ ସିସିଟିଭି ବ୍ୟବସ୍ଥା, ୨୫ଟିରେ ମାଇକ୍ରୋ ଅବଜରଭର, ୧୧ଟି ବୁଥରେ ଭିଡିଓଗ୍ରାଫି କରାଯିବ ବୋଲି ଜଣାପଡିଛି।

■ ଆଜି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ୪୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର

ବଲାଙ୍ଗୀର ଅଫିସ, ୧୭।୪

ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ବଲାଙ୍ଗୀର ଜିଲାର ୧୨ ଲକ୍ଷ ୮୩ ହଜାର ୭୫୪ ଜଣ ଭୋଟର ଲୋକ ସଭା ଆସନର ୮ଜଣ ଓ ଜିଲାର ୫ ବିଧାନସଭା ଆସନର ୩୪ ଜଣ ଏପରି ସମୁଦାୟ ୪୨ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଜିଲାର ୧୫୪୭ ପୋଲିଂ ବୁଥ୍‌ରେ ମତଦାନ ହେବ। ଏଥିରୁ ୨୫୬ ପୋଲିଂ ବୁଥକୁ ଉତ୍ତେଜନାପ୍ରବଣ ମତଦାନ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ସେଥିରୁ ୧୯୬ ମତଦାନ କେନ୍ଦ୍ର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ବେଳେ ଅନ୍ୟ ୬୦ଟି ଅନ୍ୟାନ୍ୟ କାରଣରୁ ଉତ୍ତେଜନାପ୍ରବଣ ମତଦାନ କେନ୍ଦ୍ର ଭାବେ ଚିହ୍ନଟ କରାଯାଇଛି। ଏହିସବୁ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏଠାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସିସିଟିଭି, ମାଇକ୍ରୋ ଅବ୍‌ଜର୍ଭର, ଭିଡିଓ ରେକର୍ଡିଂ, ୱେବକାଷ୍ଟିଂ ବ୍ୟବସ୍ଥା ସହ ସୁରକ୍ଷା ବଳ ମୁତୟନ କରାଯାଇଛି। ୧୦ଟି ମତଦାନ କେନ୍ଦ୍ରରେ ଜଣେ ଲେଖାଏଁ ସେକ୍ଟର ଅଧିକାରୀ ଭାବେ ଜିଲାରେ ୧୫୨ଜଣ ସେକ୍ଟର ଅଧିକାରୀ, ୧୩୧ଜଣ ମାଇକ୍ରୋ ଅବଜର, ୩୦ଜଣ ଜୋନାଲ ମାଜିଷ୍ଟ୍ରେଟ୍, ୨୦ ପ୍ଲାଟୁନ୍ କେନ୍ଦ୍ରୀୟ ସୁରକ୍ଷା ବଳ ଓ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ବଲାଙ୍ଗୀର ଏସ୍‌ପି କେ ଶିବା ସୁବ୍ରମଣି ଜିଲାର ୫ଟିଯାକ ବିଧାନସଭା ନିର୍ବାଚନମଣ୍ଡଳୀର ୧୫୪୭ ପୋଲିଂବୁଥ୍‌ରେ ଅବାଧ ଓ ନିରପେକ୍ଷ ମତଦାନ ସକାଶେ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି। କଣ୍ଟାବାଞ୍ଜି ଓ ପାଟଣାଗଡ଼ ନିର୍ବାଚନମଣ୍ଡଳୀର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହ ପୋଲିଂ କର୍ମଚାରୀ ଓ ମତଦାତାଙ୍କୁ ଭୟମୁକ୍ତ ମତଦାନ କରିବାକୁ କୁହାଯାଇଛି। ଜିଲାର ମାଓବାଦୀ ଅଧ୍ୟୁଷିତ ଲାଠୋର, ଖପ୍ରାଖୋଲ, ବେଲପଡ଼ା, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି। ବଲାଙ୍ଗୀର, ଲୋଇସିଂହା ଓ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ଗୁରୁବାର ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ। ପାଟଣାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଜିଲାରେ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ୫ଟି ପିଙ୍କ ମତଦାନ କେନ୍ଦ୍ର ଓ ୭୫ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏଁ ପିଙ୍କ୍ ମତଦାନ କେନ୍ଦ୍ର ରହିଥିବାବେଳେ ୧୫ଟି ଲେଖାଏଁ ଆଦର୍ଶ ମତଦାନ କେନ୍ଦ୍ର ରହିଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅରିନ୍ଦମ ଡାକୁଆଙ୍କ ତତ୍ତ୍ୱାବଧାନରେ ସମସ୍ତ ନିର୍ବାଚନ କାର୍ଯ୍ୟ ପରିଚାଳନା ହେଉଛି।



ବଲାଙ୍ଗୀର ପ୍ରତାପସାଗରପଡ଼ା ସ୍କୁଲର ପିଙ୍କବୁଥ୍‌ରେ ମହିଳା ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚିବା ପରେ ଉପଜିଲାପାଳ ଭୈରବ ସିଂ ପେଟେଲ ତଦାରଖ କରୁଛନ୍ତି।

- ୧୨ ଲକ୍ଷ ୮୩ ହଜାର ୭୫୪ ଭୋଟର ମତଦାନ କରିବେ
- ହାଇପ୍ରୋଫାଇଲ ନରସିଂହ, କନକ ବର୍ଦ୍ଧନ, କଳିକେଶ, ସଙ୍ଗୀତାଙ୍କ ଭାଗ୍ୟ ପରୀକ୍ଷା
- ନିର୍ବାଚନ ପାଇଁ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା
- ୧୫୪୭ ପୋଲିଂ ବୁଥ୍‌ରେ ହେବ ମତଦାନ
- ଜିଲାରେ ୨୫୬ ପୋଲିଂ ବୁଥ ସମ୍ବେଦନଶୀଳ
- ୫ ପିଙ୍କ ପୋଲିଂବୁଥ, ୭୫ ଆଦର୍ଶ ପୋଲିଂ ବୁଥ

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ବଲାଙ୍ଗୀର ଜିଲାର ହାଇପ୍ରୋଫାଇଲ ରାଜନେତା କଂଗ୍ରେସର ନରସିଂହ ମିଶ୍ର, ଭାଜପାର କନକ ବର୍ଦ୍ଧନ ସିଂଦେଓ, ସଙ୍ଗୀତା କୁମାରୀ ସିଂଦେଓ ଓ ବିଜେଡିର କଳିକେଶ ନାରାୟଣ ସିଂଦେଓଙ୍କ ସହ ନୂଆ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ, ଭାଜପା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଏବଂ କଂଗ୍ରେସର ନୂଆ ଯୁବପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ଭାଗ୍ୟ ପରୀକ୍ଷା ହେବ। ଏହା ସହିତ ଅନ୍ୟ ପ୍ରାର୍ଥୀ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ରଣ ନାଗ, ଆମ୍ବେଡ଼କ୍ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ଦିନେଶ ନାଗ, ବହୁଜନ ମୁକ୍ତି ପାର୍ଟି ପ୍ରାର୍ଥୀ ସୁରେଶ କୁମାର ପୁଟେଲ, ଏସ୍‌ୟୁସିଆଇ (ସି) ପ୍ରାର୍ଥୀ ହୃଦାନନ୍ଦ କରୁଆଁ, ସ୍ୱାଧୀନ ପ୍ରାର୍ଥୀ ଡ. ବିପିନ କୁଶଲିଆଙ୍କ ଭାଗ୍ୟ ପରୀକ୍ଷା ହେବ। ବଲାଙ୍ଗୀର ବିଧାନସଭାରେ କଂଗ୍ରେସ ପ୍ରାର୍ଥୀ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବିଜେଡି ପ୍ରାର୍ଥୀ ଅର୍କେଶ ସିଂଦେଓ, ଭାଜପା ପ୍ରାର୍ଥୀ ଅନନ୍ତ ଦାଶଙ୍କ ସମେତ ଅନ୍ୟ ୫ ଜଣଙ୍କ ଭାଗ୍ୟ ପରୀକ୍ଷା ହେବ। ପାଟଣାଗଡରେ ଭାଜପା ପ୍ରାର୍ଥୀ ତଥା ବିଧାୟକ କନକ ବର୍ଦ୍ଧନ ସିଂଦେଓ, ବିଜେଡି ପ୍ରାର୍ଥୀ ସରୋଜ ମେହେର, କଂଗ୍ରେସ ପ୍ରାର୍ଥୀ ରମେଶ ପୁରୋହିତ ଓ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ଲବ ସୁନାଙ୍କ ଭାଗ୍ୟ ପରୀକ୍ଷା ହେବ। ଲୋଇସିଂହା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଡ.ମୁକେଶ ମହାଲିଙ୍ଗ, ବିଜେଡି ପ୍ରାର୍ଥୀ ପ୍ରଦୀପ ବେହେରା, କଂଗ୍ରେସ ପ୍ରାର୍ଥୀ ନବ କିଶୋର ନାଏକଙ୍କ ସହ ଅନ୍ୟ ୫ ଜଣଙ୍କ ଭାଗ୍ୟ ପରୀକ୍ଷା ହେବ। ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଟୁକୁନୀ ସାହୁ, କଂଗ୍ରେସ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ଭାଜପା ପ୍ରାର୍ଥୀ ଅଶୋକ ଚନ୍ଦ୍ର ଦୋରାଙ୍କ ସହ ଅନ୍ୟ ୫ ଜଣ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା, ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ, ବିଜେଡି ପ୍ରାର୍ଥୀ ଅଜୟ ଦାସଙ୍କ ସହ ଅନ୍ୟ ୩ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ।

## ଲୋଇସିଂହା ନିର୍ବାଚନମଣ୍ଡଳୀ: ୨୯୬ ବୁଥରେ ମତଦାନ

ଲୋଇସିଂହା,୧୭।୪(ଡି.ଏନ.ଏ.)

ଗୁରୁବାର ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀର ୨୯୬ ବୁଥରେ ୨ ଲକ୍ଷ ୩୦ ହଜାର ୪୭୨ ଭୋଟର ମତଦାନ ସାବ୍ୟସ୍ତ କରିବେ। ଏନେଇ ସମସ୍ତ ମତଦାନ କେନ୍ଦ୍ରରେ ମଙ୍ଗଳବାର ରାତିରେ ପୋଲିଂ କର୍ମଚାରୀ ପହଞ୍ଚିଛନ୍ତି। ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେବ। ସୂଚନାଯୋଗ୍ୟ, ଲୋଇସିଂହା, ଆଗଲପୁର ଓ ପୁଇଁତଳା ବ୍ଲକକୁ ନେଇ ଗଠିତ ଲୋଇସିଂହା ନିର୍ବାଚନମଣ୍ଡଳୀରେ ୨୯୬ ବୁଥ ରହିଛି। ୧୪୯ ବୁଥ ଲୋଇସିଂହା ଥାନା ଅଧୀନରେ ଥିବା ବେଳେ ବାକି ପୁଇଁତଳା ଓ ବଲାଙ୍ଗୀର ସଦର ଥାନା ଅଧୀନରେ ରହିଛି। ଲୋଇସିଂହା ଥାନା ଅଧୀନରେ ୨୮ ବୁଥ ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିବା ବେଳେ ୧୦ଟି ପାଟ୍ରୋଲିଂ ଗାଡି ନିୟୋଜିତ କରାଯାଇଛି। ପ୍ରତ୍ୟେକ ବୁଥରେ ଜଣେ ଲେଖାଏ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ୨ ଜଣ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଥାନା ଆଇଆଇସି ଲଳିତା ଲେକ୍ରା ପ୍ରକାଶ କରିଛନ୍ତି।



ଲୋଇସିଂହା ବ୍ଲକ କେଉଁଟପାଲି ଗାଁର ଭୋଟରମାନେ ଚିରକୁଟ ଦେଖୁଛନ୍ତି।

■ ଆଜି ଖପ୍ରାଖୋଲ ବ୍ଲକରେ ମତଦାନ

## ୩୪ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ

ଖପ୍ରାଖୋଲ,୧୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ୧୮ତାରିଖ ଭୋଟ ଗ୍ରହଣ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । ଅନ୍ୟପକ୍ଷେ ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଖପ୍ରାଖୋଲ ବ୍ଲକ ମାଓବାଦୀ ପ୍ରଭାବିତ ଅଞ୍ଚଳ ଭାବେ ଜଣାଶୁଣା। ବ୍ଲକରେ ୯୯ଟି ବୁଥ ଥିବା ବେଳେ ସେଥିମଧ୍ୟରୁ ୩୪ଟି ବୁଥ ମାଓବାଦୀ ପ୍ରଭାବିତ ତଥା ରାଜନୈତିକ ଦୃଷ୍ଟିକୋଣରୁ ଅତି ସମ୍ବେଦନଶିଳ ବୁଥ ଭାବେ ଚିହ୍ନଟ କରାଯାଇଛି। ୨୯ଟି ବୁଥକୁ ସମ୍ବେଦନଶୀଳ ଏବଂ ୩୬ଟି ବୁଥକୁ ସାଧାରଣ ଭାବରେ ଚିହ୍ନଟ ହୋଇଛି । ଏଥିମଧ୍ୟରୁ କପସିପାଲିର ୨ଟି ଏବଂ ଖପ୍ରାଖୋଲର ୨ଟି ବୁଥକୁ ମଡେଲ ବୁଥ ଭାବେ ନିଆଯାଇଛି। ପୋଲିଂ କର୍ମଚାରୀ ଇଭିଏମ୍, ଭିଭିପିଏଟି ମେଶିସ ସହ ଆବଶ୍ୟକ ସାମଗ୍ରୀ ଧରି ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ବୁଥରେ ପହଞ୍ଚିଛନ୍ତି। ହେଲେ ସୁରକ୍ଷା ଦୃଷ୍ଟିରୁ ରେଙ୍ଗାଲି, ନାନ୍ଦୁପଲା, ଭାନପୁରଠାରେ ହବ ବୁଥ କେନ୍ଦ୍ର କରି ମାଓବାଦୀ ପ୍ରଭାବିତ ଅତିସମ୍ବେଦନଶୀଳ ବୁଥର କର୍ମଚାରୀଙ୍କୁ ରଖାଯାଇଛି । ନିର୍ବାଚନ ଦିନ ଭୋରରୁ କଡା ସୁରକ୍ଷା ମଧ୍ୟରେ ପୋଲିଂ କର୍ମଚାରୀ ବୁଥରେ ପହଞ୍ଚି ଭୋଟ ଗ୍ରହଣ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ଏ ନେଇ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ପ୍ରାୟ ବୁଥରେ ପୋଲିଂ କର୍ମଚାରୀ ପହଞ୍ଚିଛନ୍ତି। କେତେକ ଅତିସମ୍ବେଦନଶୀଳ ବୁଥର ପୋଲିଂ କର୍ମଚାରୀଙ୍କୁ ହବ ପଏଣ୍ଟରେ ରଖାଯାଇଛି। ନିର୍ଦ୍ଧାରିତ ସମୟରେ ଭୋଟ ଆରମ୍ଭ ହେବ। ଏନେଇ ପ୍ରଶାସନ ସତର୍କ ଥିବା ପ୍ରକାଶ କରିଛନ୍ତି। ଭୋଟ ଗ୍ରହଣକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏପରି କି ମାଓବାଦୀ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି। ଏ ନେଇ ଖପ୍ରାଖୋଲ ଥାନା ଆଇଆଇସି. ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ଭୋଟର ଏବଂ ପୋଲିଂ କର୍ମଚାରୀଙ୍କ ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସତର୍କ ଥିବା ବେଳେ ମାଓବାଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଏବଂ ପାଟ୍ରୋଲିଂକୁ ଜୋରଦାର କରାଯାଇଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ ଗତ୧୦ ତାରିଖ ରାତିରେ ହରିଶଙ୍କରଠାରେ ଭୋଟ ବର୍ଜନ ପାଇଁ ମାଓବାଦୀଙ୍କ ବ୍ୟାନର, ପୋଷ୍ଟର ଲଗାଯାଇଥିଲା। ଏଭଳିସ୍ଥିତିରେ ଭୋଟ ପରିଚାଳନା କରିବା ପୋଲିସ ପାଇଁ କଡା ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

**ମାଓବାଦୀ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋର୍‌ଦାର**



ଖପ୍ରାଖୋଲ ଅଞ୍ଚଳରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନ କରୁଛନ୍ତି।

## ମୁଡ଼ଫଟା ଖରାକେ ପାଏନ୍ ସମସିଆ ଲୁକ୍‌କୁ ଅଥାଥାଲି କରୁଛେ

ଗୁଡ଼ଭେଲା,୧୭।୪(ଡି.ଏନ୍.ଏ.)

ଦିନାକେତେ ହେଲା ରାଏଜେ ଖରା ତାତି ବଢ଼ତେଲ ଯାଉଛେ। ଲୋକ୍ ଗରମରେ ବିଛୋ ହେଇଯାଉଛନ୍। ଏନ୍‌ତାଥି ଗାଁମାନ୍‌କେ ପିଇଲା ପାଏନ୍ ସମସିଆ ଲୁକ୍‌କୁ ଅଥାଥାଲି କରିପକଉଛେ। ଏହେଦେ ଗୁଡ଼ଭେଲା ବ୍ଲକର ବହୁତଟେ ଗାଁରେ ଲୋକ୍ ପିଇଲା ପାଏନ୍ ସମସିଆରେ ଯୁଝୁଛନ୍। ବଡ଼ଭାଗି ଗାଁର ବଁଧ୍‌କଟା ଶୁଖି ବସ୍‌ଲାନ। ଏନ୍‌ତାଥି ଫେନ୍ ଲୋକ୍ ଗଧାବୁଡ଼ା କରବାର ଲାଗି ବଡ଼ା ଗୁଲଗୁଲା ହେଉଛନ୍। ଲୋକ୍ ଖରା ତାତିରେ ବହୁତ୍ ବାଟ ଯାଇ ପିଇଲା ପାଏନ୍ ଆନୁଥିବାର ଦେଖ୍‌ବାକେ ମିଲୁଛେ। ଗାଁମାନ୍‌କେ ବଁଧ୍‌କଟା ଶୁଖି ଆଏଲା ବେଲେ ଗାଈଗୋରୁ, ଚରେଇ ଚିରଗୁନ ପାଏନ୍ ଲାଗି ଉହକ୍‌ବିକଲ ହେଉଥିବାର ଦେଖ୍‌ବାକେ ମିଲୁଛେ।

ଖରା ତାତିକେ ଗାଁଗଁଲିରେ ବିଜିଲିର ଲୁକ୍‌ଲୁକାନି ଖେଲ, ଲୋ ଭୋଲଟେଜ ସମସିଆ ଲୁକ୍‌କର ଦୁଖ୍‌କେ ଦୁଇଗୁନା କରିଦେଉଛେ। ଏନ୍‌ତାଥି ବଡ଼ଭାଗି ସମିଆ ବିଦ୍ୟୁତ୍ କାଟ ହେବାର ଲାଗି ଲୋକ୍ ଘରେ ବି ସୁସ୍‌ତେ ରହି ନାଇଁପାରବାର। ଗରମ୍‌ରେ ବୁଢ଼ାବୁଢ଼ୀ, ରୁଗୀ, ଛୁଆପୁତାମାନେ ଉହକ୍‌ବିକଲ ହେଉଥିବାର ଦେଖ୍‌ବାକେ ମିଲୁଛେ। ଦୁଇ ହପ୍‌ତା ହେଲା ଅଂଚଲର ଭିନେ ଭିନେ ଗାଁରେ ତାପମାନ ୪୦ ଡିଗ୍ରୀ ଉପରେ ରହୁଛେ। ସକାଲର ୧୦ ବଜେନୁ ଦୁଇପହରର ୫ ବଜେ ତକ୍ ମୁଡ଼ଫଟା ଖରା, ଝାଁଜି ପବନ୍ ମାରୁଛେ। ନିହାତି ଜରୁରି କାମ୍ ନାଇଁ ପଡ଼ଲେ ଲୋକ୍ ଘରୁ ଭଟାକେ ନାଇଁ ବାହାରବାର। ଦିନ୍‌ବେଲା ରାସ୍‌ତାଘାଟ ଶୂନସାନ ହେଇଯାଉଛେ। ସେନ୍‌ତା ତୁଷୁରା ସହରକେ ଥାନୀୟ ସୋନଗଡ଼ ନଦୀ ଆର ଶିବ ମନ୍ଦିରନେ ଥିବାର ପାତାଲ ବୋରିଂରୁ ପିଇଲା ପାଏନ୍ ଯୁଗେଇ ଦିଆଯାଉଛେ। ସହରର ବଡ଼ଭାଗି ପଡ଼ାକେ ସୋନଗଡ଼ ନଦୀରୁ ପିଇଲା ପାଏନ୍ ଯୁଗେଇ ଦିଆଯାଉଥିଲାବେଲେ କମ୍ ପାୱାରର ପମ୍ପ ଲାଗି ସହରର ବହୁତ୍ ଜାଗାକେ ପାଏନ୍ ପୁହୁଁଚି ନାଇଁ ପାରୁଥିବାର ଅଭିଯୋଗ ହେଉଛେ। ଇ ବାବ୍‌ଦେ ମତାମତ ଲାଗି ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀକୁଁ ଯୋଗାଯୋଗ କରାଯାଇଥିଲା, ହେଲେ ସେ କେହେନ୍‌ସି କାରନ୍‌ରୁ ଫୋନ୍ ନାଇଁ ଉଠାଲାରୁ ତାକର ମତାମତ ନାଇଁ ମିଲିପାରି। ଇ ଦିଗେ ବିଭାଗୀୟ ଉଚ କତୃପକ୍ଷ ଦୃଷ୍ଟି ଦେବାର ସଂଗେ ଯେନ୍ ଜାଗାକେ ପାଏନ୍ ପୁହୁଁଚି ନାଇଁ ପାରବାର ସେଠାନ୍‌କେ ଟ୍ୟାଙ୍କରରେ ପାଏନ୍ ଯୁଗେଇ ଦେବାକେ ଜନସାଧାରନରେ ଦାବି ହେଉଛେ।

### ରାମଲୀଳା: ରାମ ବନବାସ ଦୃଶ୍ୟ ଅଭିନୀତ

ଲୋଇସିଂହା,୧୭।୪(ଡି.ଏନ.ଏ.)

ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମ ମଧ୍ୟମପଡା ଭଗବତ ଭବାନୀ ଶଙ୍କର ପାର୍ଟି ପକ୍ଷରୁ ରାମଲୀଳା ଆୟୋଜିତ ହେଉଛି। ମଙ୍ଗଳବାର ରାମଲୀଳାର ଚତୁର୍ଥ ସନ୍ଧ୍ୟାରେ ରାମ ବନବାସ ଦୃଶ୍ୟ ଅଭିନୀତ ହୋଇଥିଲା। ସୋମବାର ସନ୍ଧ୍ୟାରେ ସୀତା ବିବାହ ସମ୍ପନ୍ନ ହୋଇଥିଲା। ବୁଧବାର ରାମଲୀଳାର ପ୍ରାରମ୍ଭିକ ଦୃଶ୍ୟ ମନ୍ଥରାର କୂଟନୀତି ଦୃଶ୍ୟ ସହ ରାମ ବନବାସ, ଶବର, ଭରଦ୍ୱାଜଙ୍କ ସହ ରାମଙ୍କ ସାକ୍ଷାତ, ରାମ, ଲକ୍ଷ୍ମଣ, ସୀତା ଚିତ୍ରକୂଟରେ ଅବସ୍ଥାନ ଦୃଶ୍ୟ ଅଭିନୀତ ହୋଇଥିଲା। ଯୁବ ଓ ପୁରୁଖା କଳାକରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦୀର୍ଘ ବର୍ଷ ବ୍ୟବଧାନ ପରେ ରାମଲୀଳା ଅଭିନୀତ ହେଉଥିବାରୁ ଦର୍ଶକଙ୍କ ଭିଡ ପରିଲକ୍ଷିତ ହେଉଛି । ବିଶେଷ କରି ଶିଶୁମାନେ ରାମଲୀଳା ଦେଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ଯୋଗୀସର୍ଡା ଗ୍ରାମର ଦଧିବାମନ ନାଟ୍ୟ କଳା ପରିଷଦ ପକ୍ଷରୁ ହେଉଥିବା ରାମଲୀଳାରେ ରାମ ବନବାସ ଦୃଶ୍ୟ ଅଭିନୀତ ହୋଇଥିଲା।

ଆଜି ତୁଷୁରା ଏନ୍‌ଏସି, ଗୁଡଭେଲା ବ୍ଲକ ଭୋଟ ଗ୍ରହଣ

## ୧୬ ବୁଥ ଅତି ସମ୍ବେଦନଶୀଳ, ୨୫ ସମ୍ବେଦନଶୀଳ

ଗୁଡଭେଲା,୧୭।୪(ଡି.ଏନ୍.ଏ.)

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ତୁଷୁରା ଏନ୍‌ଏସି ଏବଂ ଗୁଡଭେଲା ବ୍ଲକ ଅଞ୍ଚଳରେ ଗୁରୁବାର ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ନିର୍ବାଚନକୁ ସ୍ୱଚ୍ଛ କରିବା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତୁଷୁରା ଏନ୍‌ଏସି ଏବଂ ଗୁଡଭେଲା ବ୍ଲକରେ ମୋଟ ୪୪ହଜାର ୪୮ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିବେ। ତୁଷୁରା ଏନ୍‌ଏସିରେ ୧୦ଟି ବୁଥ ରହିଥିବା ବେଳେ ୭ ହଜାର ୭୦୫ଜଣ ଭୋଟର ରହିଛନ୍ତି। ସେହିପରି ୫୧ଟି ବୁଥ ଗୁଡଭେଲା ବ୍ଲକରେ ଥିବାବେଳେ ୩୬ ହଜାର ୩୪୩ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧୬ଟି ବୁଥ ଅତି ସମ୍ବେଦନଶୀଳ ହୋଇଥିବା ବେଳେ ୨୫ଟି ସମ୍ବେଦନଶୀଳ ବୁଥ ରହିଛି। ଏପରି କି ମତଦାନ କେନ୍ଦ୍ରକୁ ୬ଟି ସେକ୍ଟରରେ ଭାଗ କରାଯାଇଛି। ଗୁଡଭେଲା ବ୍ଲକ ଅଧୀନ ତୁଷୁରା ସେବାଶ୍ରମ ଓ ବଡଙ୍ଗୋମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବୁଥ ଭାବେ କରାଯାଇଥିବା ବେଳେ ସମସ୍ତ ବୁଥରେ ପାନୀୟ ଜଳ, ଛାମୁଆ ସହ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୋଟ ପରିଚାଳନା ପାଇଁ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ୫ଜଣ ପୋଲିଂ ଅଫିସର ଏହିପରି ୬ଜଣ କର୍ମଚାରୀ ହିସାବରେ ମୋଟ ୩୬୬ କର୍ମଚାରୀ ନିୟୋଜିତ କରାଯିବା ସହ ଜରୁରିକାଳୀନ ଆବଶ୍ୟକତା ପାଇଁ ସମୁଦାୟ ପୋଲିଂ କର୍ମଚାରୀଙ୍କ ୧୦ ପ୍ରତିଶତ କର୍ମଚାରୀଙ୍କୁ ଅତିରିକ୍ତ ଭାବେ ରଖାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରାମବିଳାସ ମଙ୍ଗରାଜ ପ୍ରକାଶ କରିଛନ୍ତି।

## ଲେଠ୍‌ରଉଛେ ନାରାୟଣ ସାଗର ମାଏଟ୍ କାମ୍

ଲୋଇସିଂହା,୧୭।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାର ନାରାୟଣ ସାଗରର ମାଏଟ୍ କାମ୍ ଚାଲିଛେ। ହେଲେ ପଁକ୍ ଉଧାର କାମ୍ ଧିରେସୁସ୍‌ତେ ଚାଲିଥିବାର ଅଭିଯୋଗ ହେଉଛେ। ଆଗ୍‌କେ ବର୍ଷା ଦିନ୍ ଆସୁଛେ, ତାର ଆଗ୍‌ରୁ ଇ ଉନ୍‌ନତିକରନ୍ କାମ୍ ସରବା କି ନାଇଁ ଲୋଇସିଂହାବାସୀ ସଁଧେ କରୁଛନ୍। ଲୋଇସିଂହା ବସ୍‌ତିର ତଲମୁଡ଼େ ୧୨୦ ଏକର ଜାଗାରେ ନାରାୟଣ ସାଗର ରହିଛେ। ୧୯୮୦ ଦଶକରେ ଥାନୀୟ ଜମିଦାର ନାରାୟଣ ସାଗର କୁଡ଼େଇଥିବାର ଥାନୀୟ ଲୁକ୍‌କରନୁ ଜନାଯାଇଛେ। ଏମ୍‌ଆଇପି ଅଧୀନରେ ଥିବାର ନାରାୟଣ ସାଗର ଗଲା ୩୬ ବଛର ହେଲା ଦେଖ୍‌ଭାଲ ଅଭାବୁ ପଁକ୍‌ରେ ତୁପି ହେଇଯାଇଥିଲା। ଯେନ୍‌ଥିରଲାଗି ସାଗରରେ ଯେତେ ପାଏନ୍ ରହିବାର କଥା ନାଇଁ ରହିପାରୁଥାଇ। ଅଲପ୍ ବର୍ଷାରେ ସାଗର ପୂରି ଉଛଳି ପଡ଼ୁଥିଲା। ଯେନ୍‌ଥିରଲାଗି ତଲମୁଡ଼େ ଥିବାର ଚାଷୀମାନେ ଦରକାର ସମିଆରେ ଜମିକେ ପାଏନ୍ ବଲାବାର ଲାଗି ନାଇଁ ପାଉଥାଇ। ଇ ସାଗରର ପାଏନ୍‌ରେ ଲୋଇସିଂହାବାସୀ ଗଧାପଧା କରୁଥିଲେ। ହେଲେ ଦିନୁଦିନ୍‌କେ ପାଏନ୍ ଦୂଷିତ ହେଲା, ଗଧାପଧା କଲେ ନାନା ପରକାର ଚରମ୍ ରୋଗ୍ ହେଲା। ହେଲେ ଲୁଇସିଂହାବାସୀକରନେ ଉନିଆ କିଛି ବିକଲ୍‌ପ ନାଇଁଥିବାର ଲାଗି ସାଗରର ଦୂଷିତ ପାଏନ୍‌କେ ବେଭାର କରୁଥିଲେ। ଗଲା ବଛର ଲୋଇସିଂହା ବିଧାୟକଙ୍କର ଉଦିଅମରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ କ୍ଷେତ୍ର ପରିଦରଶନ କରି ପ୍ରକଳ୍ପ ଦେଖି ଖୁସି ହେଇଥିଲେ। ପଁକ୍ ଉଧାର ଆର ଉନ୍‌ନତିକରନ୍ ଲାଗି ପାଖାପାଖି ୧ କୋଟି ୪୮ ଲାଖ୍ ଟଁକା ମଂଜୁର ହେଇଛେ। ଗଲା ଫେବୃୟାରୀ ମାସୁ ସାଗରର ଉନ୍‌ନତୀକରନ୍ କାମ୍ ଆରମ୍ ହେଇଛେ। ୬ ଫେବୃୟାରୀରେ ସାଗରର ଆଡ଼ି କାଟି ପାଏନ୍ ଖାଲି ଶୁଖାଯାଇଥିଲା। ଇତାର ପରେ କାମ୍ ପାଇଥିବାର ଠିକାଦାର କାମ୍ ଆରମ୍ କରିଛନ୍। ହେଲେ କାମ୍‌ଟା ଉପରଠାଉରି ଆର ଲେଠ୍‌ରାବାର ଲାଗି ଅଂଚଲବାସୀ ଅସ୍‌ନୋଷ ହେଉଛନ୍। ଜିଲା ପରଶାସନ ଆର ବିଭାଗୀୟ ଉଚ ଅଧିକାରୀ କ୍ଷେତର ପରିଦରଶନ କରି କାମ୍ କେନ୍‌ଥେଇ ବର୍ଷା ଦିନ୍ ଆଗରୁ ସରବା ସେ ଦିଗେ ପଦକ୍ଷେପ ନେବାକେ ଥାନୀୟ ଲୋକ୍ ଦାବି କରିଛନ୍।



ନାରାୟଣ ସାଗରରେ ମାଏଟ୍ କାମ୍ ଚାଲିଛେ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ



### ରାମଚରିତ ମାନସ ପାଠ, ଷୋଳପ୍ରହର ନାମଯଜ୍ଞ

**କୋକସରା,୧୭।୪(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ପର୍ଯ୍ୟଟନସ୍ଥଳି ଗୁଡହାଣ୍ଡି ଡୋକରିଚଞ୍ଚରା ମଧ୍ୟରେ ଗତ ଶୁକ୍ରବାରଠାରୁ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଛି। ଏହା ୯ ଦିନ ଧରି ଚାଲିଥିବା ବେଳେ ବୁଧବାରଠାରୁ ରାମଚରିତ ମାନସ ପାଠ ସହିତ ଷୋଳପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳଙ୍କ ଭିଡ ବଢିବାରେ ଲାଗିଛି । ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଭିଡକୁ ଦେଖି ମନ୍ଦିର କମିଟି ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି । ଅନ୍ନଭୋଗ, ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା, ରହିବା ପାଇଁ ବିଶ୍ରାମାଗାର, ପାର୍କିଂ ଆଦି ବ୍ୟବସ୍ଥା କରାଯାଇଛି । ମହୋତ୍ସବ କମିଟି ସଦସ୍ୟମାନଙ୍କ ମଧ୍ୟରେ ବିରି ନାରାୟଣ ପଣ୍ଡା, ଆଦିତ୍ୟ ପଣ୍ଡା, ଜିତେନ୍ଦ୍ର ପ୍ରଧାନୀ, କ୍ଷିତିଷ ପାତ୍ର, ସୁଧୀର ପାତ୍ର, ଘନଶ୍ୟାମ ନାଏକ, ଅର୍ଜୁନ ରାଉତ, ମଧୁବନ ପାତ୍ର, ଅର୍ଜୁନ ଅଗ୍ରୱାଲ, ଘାସିରାମ ପାଇଯୋଷୀ, ନିଳାମ୍ବର ନାଏକ, ତ୍ରିଲୋଚନ ଧ.ମାଝି, ସୁରେଷ ଅଗ୍ରୱାଲ ସମସ୍ତ ଦାୟିତ୍ୱ ପରିଚାଳନା କରୁଥିବା ନେଇ ସଭାପତି ଭଦ୍ରେଶ୍ୱର ପାତ୍ର ପ୍ରକାଶ କରିଛନ୍ତି ।



### ଚଇତ୍ରନବରାତ୍ର ପୂଜା, ହନୁମାନ ଜୟନ୍ତୀ ପାଳିତ

**ଭବାନୀପାଟଣା,୧୭।୪(ଡି.ଏନ.ଏ.)-** ଭବନୀପାଟଣା ସହରସ୍ଥିତ ଶକ୍ତିନଗରପଡାରେ ଥିବା ମଙ୍ଗଳା ମନ୍ଦିରରେ ମା' ମଙ୍ଗଳାଙ୍କ ପଞ୍ଚଦିବସୀୟ ଚଇତ୍ରାନବରାତ୍ର ପୂଜା ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଚଇତ୍ରା ନବରାତ୍ର ପୂଜାରେ ଚିତ୍ତରଞ୍ଜନ ପରିଚ୍ଛା ଓ ଦୀପ୍ତିପ୍ରଭା ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇ ଥିବାବେଳେ ରୋହିଣୀ କୁମାର ରଥ, ସହଦେବ ପାଢୀ ଓ ଚନ୍ଦ୍ର ଶେଖର ପୁରୋହିତ ଚଣ୍ଡୀ ପାଠ ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ପୂର୍ଣ୍ଣାହୃତି ଦିବସରେ ସମଗ୍ର ପଡାବାସୀ ଏକତ୍ର ମିଳିମିଶି ସମୁହ ପ୍ରସାଦ ସେବନ କରିଥିଲେ। ମନ୍ଦିର ପରିଚାଳନା ସମିତି ସଭାପତି ପ୍ରଭାସଚନ୍ଦ୍ର ମିଶ୍ର, କୋଷାଧକ୍ଷ ସନାତନ ସାହୁଙ୍କ ସମେତ ରଘୁନାଥ ମୁଣ୍ଡ, ଶ୍ରଦ୍ଧାକର ମୁଣ୍ଡ, ଭକ୍ତରାମ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧବାର ଶକ୍ତିନଗରପଡାର ମା' ମଙ୍ଗଳା ଭାଗବତ ଟୁଙ୍ଗିର କର୍ମକର୍ତ୍ତା ପ୍ରଚେଷ୍ଟାରେ ମଙ୍ଗଳା ମନ୍ଦିରଠାରେ ହନୁମାନ ଜୟନ୍ତୀ ପାଳନ ଓ ସମୁହ ହନୁମାନ ଚାଲିଶା ପାଠନ କରାଯାଇଥିଲା। ପଡାର ସମସ୍ତ ପୁରୁଷ ମହିଳା, ସଦସ୍ୟା ସଦସ୍ୟଙ୍କ ଦ୍ୱାରା ହନୁମାନ ଚାଲିଶା ପଠନ ଓ ଭଜନ କୀର୍ତ୍ତନ ହୃଦୟ ସ୍ପର୍ଶୀ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସନାତନ ସାହୁ, ରଘୁନାଥ ମୁଣ୍ଡ, ରୋହିଣୀ ରଥ, ଦୀପ୍ତିପ୍ରଭା ପାତ୍ର, ଚିତ୍ତରଞ୍ଜନ ପରିଚ୍ଛା ଓ ମହିଳା ସଦସ୍ୟାମାନେ ପରିଚାଳନା କରିଥିଲେ।

# ଅଭିଭାବକଙ୍କ ଅସନ୍ତୋଷ, ଗଣଧାରଣା

**ଭବାନୀପାଟଣା,୧୭।୪(ଡି.ଏନ.ଏ.)**

ଭବାନୀପାଟଣାଠାରେ ୧୯୭୬ଠାରୁ ଏକ ଘରୋଇ ଇଂରାଜୀ ମିଡିୟମ୍ ବିଦ୍ୟାଳୟ ବିମଳା କନ୍‌ଭେଣ୍ଟ ସ୍କୁଲ ଶିକ୍ଷାଦାନ ଦେଇଆସୁଛି । ଏହି ସ୍କୁଲ ପରିଚାଳନା କମିଟି ମନୋମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସେଠାରେ ଅଧ୍ୟୟନ କରୁଥିବା ପ୍ରାୟ ୧୮ ଶହ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବୁଧବାର ସକାଳୁ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି । ଅଭିଭାବକମାନଙ୍କ ଅଭିଯୋଗ ହେଲା ବିମଳା କନ୍‌ଭେଣ୍ଟ ସ୍କୁଲ ମେନେଜ୍‌ମେଣ୍ଟ ତାଙ୍କ ଇଚ୍ଛା ଅନୁସାରେ ଛାତ୍ରୀଛାତ୍ରମାନଙ୍କ ଫିଁ୍ ବୃଦ୍ଧି କରିବା ସହ ଅନ୍ୟାନ୍ୟ ବହୁ ଉପାୟରେ ଅଭିଭାବକମାନଙ୍କୁ ଶୋଷଣ କରୁଛି । ଏମିତିକି ମାତ୍ର ୩୦ ଟଙ୍କାରେ ମିଳୁଥିବା ଛାତ୍ରୀଛାତ୍ରଙ୍କ ଆଇଡେଣ୍ଟି କାର୍ଡ଼ ପାଇଁ କର୍ତ୍ତୃପକ୍ଷ ୭୦ ଟଙ୍କା ନେଉଛନ୍ତି । ନିୟମ ଅନୁସାରେ ନବମ ଶ୍ରେଣୀର ଆଇସିଏସ୍‌ଇ ଆରେଜିଷ୍ଟ୍ରେସନ୍ ଫିଜ୍ ୫୦୦ ଟଙ୍କା ପରିବର୍ତ୍ତେ ଛାତ୍ରୀଛାତ୍ରଙ୍କ ନିକଟରୁ ଏଥିପାଇଁ ୧୫୦୦ ଟଙ୍କା ନିଆଯାଉଛି ଏବଂ ଦଶମ ଶ୍ରେଣୀ ଆଇସିଏସ୍‌ଇ ବୋର୍ଡ଼ ପରୀକ୍ଷା ରେଜିଷ୍ଟ୍ରେସନ୍ ଫିଜ୍ ୧୫୦୦ ଟଙ୍କା ବଦଳରେ ୩୫୦୦ ଟଙ୍କା ନେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ସରକାରଙ୍କ ନିର୍ଦ୍ଦେଶାନାମା ଅନୁସାରେ ଫିଁ୍ ବୃଦ୍ଧି ନ କରି, ବିଦ୍ୟାଳୟରେ ଗତ ୪ ବର୍ଷ ମଧ୍ୟରେ ହାରାହାରି ୫୦ରୁ ୬୦ ଶତକଡ଼ା ବୃଦ୍ଧି କରିସାରିଥିବା ବେଳେ ଚଳିତବର୍ଷ ହଠାତ୍ କନ୍‌ଭେଣ୍ଟ ସ୍କୁଲ କର୍ତ୍ତୃପକ୍ଷ ହାରାହାରି ୨୦ ଶତକଡ଼ା ଫିଁ୍ ବୃଦ୍ଧି ଘଟଣା ଅଭିଭାବକମାନଙ୍କ ଚିନ୍ତାର କାରଣ ପାଲଟିଛି । ଫଳରେ ସମସ୍ତ ଅଭିଭାବକ ଆଲୋଚନା କରି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ । ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ଶୁଣିବାକୁ କିମ୍ବା କୌଣସି ପଦକ୍ଷେପ ନେବାକୁ ରାଜି ହୋଇ ନ ଥିଲେ । ତେଣୁ ଅଭିଭାବକମାନେ ବାଧ ହୋଇ ସକାଳୁ ସ୍କୁଲ ମୁଖ୍ୟ ଫାଟକ ନିକଟରେ ବସି ରହିବା ସହ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅପରପକ୍ଷରେ ଏହି ଫିଜ୍ ବୃଦ୍ଧି ବିକ୍ଷୋଭ ଓ ଗଣଧାରଣା ସମ୍ପର୍କରେ ଅଭିଭାବକମାନେ କଳାହାଣ୍ଡି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ଶିକ୍ଷା ଅଧିକାରୀ, ଟାଉନ୍ ଥାନା ଆଇଆଇସିଙ୍କୁ ଆଗୁଆ ସୂଚନା ଦେଇଥିବା ଜଣାପଡ଼ିଛି । ଗୁରୁବାରଠାରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ବିଦ୍ୟାଳୟ ବନ୍ଦ ରହୁଛି । ଏଣୁ ବିମଳା କନ୍‌ଭେଣ୍ଟ ସ୍କୁଲ କର୍ତ୍ତୃପକ୍ଷ କି କାର୍ଯ୍ୟପନ୍ଥା ଗ୍ରହଣ କରିବେ ତାହା ଜଣାପଡ଼ି ନାହିଁ । କିନ୍ତୁ ଅଭିଭାବକମାନଙ୍କ ଏହି ବିକ୍ଷୋଭ ଓ ଧାରଣା ଗ୍ରୀଷ୍ମ ଛୁଟି ପରେ ମଧ୍ୟ ଜାରି ରହିବ ବୋଲି ଅଭିଭାବକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



ସ୍କୁଲ ଗେଟ ସମ୍ମୁଖରେ ଅଭିଭାବକ ସଂଘ ପକ୍ଷରୁ ବିଭୋକ୍ଷ କରାଯାଉଛି ।

**ଭବାନୀପାଟଣାସ୍ଥିତ ବିମଳା କନ୍‌ଭେଣ୍ଟ ସ୍କୁଲ**
■ ଫିଁ' ବୃଦ୍ଧିକୁ ନେଇ ଅସନ୍ତୋଷ

# ମଦ ବୋତଲରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଭବାନୀପାଟଣା,୧୭।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଧୁଲିଗୁଡାଠାରେ ଏକ ରାସ୍ତା କାମରେ ନିୟୋଜିତ ଟ୍ରାକ୍ଟର ଓ ପାଣି ଟାଙ୍କି ମାଧ୍ୟମରେ ରାସ୍ତାରେ ପାଣି ସିଞ୍ଚନ କରୁଥିବା ବେଳେ ଜଣେ ଯୁବକଙ୍କୁ ଅନ୍ୟ ଯୁବକମାନେ ଦଳବଦ୍ଧ ଭାବେ ଆକ୍ରମଣ କରିଥିବା ଜଣାପଡ଼ିଛି । ଏଥିରେ ପାଣି ସିଞ୍ଚନ କରୁଥିବା ଯୁବକ ଗୁରୁତର ଆହତ ହୋଇଛନ୍ତି । ଏ ନେଇ ଥୁ. ରାମପୁର ଥାନାରେ ଗତ ମଙ୍ଗଳବାର ଅଭିଯୋଗ ହୋଇଛି । ଆହତ ଧୁଲିଗୁଡା ଗ୍ରାମର ଯୁବକ ସୁରେଶ ମାଝି (୨୭) ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଥିବା ଜଣାପଡିଛି।

ପ୍ରକାଶ ଯେ, ଥୁ.ରାମପୁର ବ୍ଲକ୍‌ର ଧୁଲିଗୁଡା ଗ୍ରାମର ସୁରେଶ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ ନିୟୋଜିତ ହୋଇ ମଙ୍ଗଳବାର ରାସ୍ତା କାମରେ ପାଣି ଟାଙ୍କି ନେଇ ପାଣି ସିଞ୍ଚନ କରୁଥିଲେ। ସେହି ସମୟରେ କର୍ଲାପାଟ ଗ୍ରାମର ସୁକାନ୍ତ ଗୌଡ, ସୁଶାନ୍ତ ଗୌଡ ଓ ବଳରାମ ମାଝିଙ୍କ ସମେତ ଧୁଲିଗୁଡାର ଅନ୍ୟ କିଛି ଯୁବକ ଦିନ ବେଳା କାହିଁ ପାଣି ସିଞ୍ଚନ କରୁଛୁ ବୋଲି କହିଥିଲେ । ଏହି କଥାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଯୁବକମାନେ ସଂଘବଦ୍ଧ ଭାବେ ଏକ ବିଅର ବୋତଲରେ ସୁରେଶଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁରେଶଙ୍କ ପିଠି, ହାତ ଓ କହୁଣିରେ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସୁରେଶଙ୍କ ପରିବାରର ଥୁଆମୂଳ ରାମପୁର ଥାନାରେ ଏକ ଏତଲା ଦେଇଛନ୍ତି। ଏହି ଏତଲାକୁ ଭିତ୍ତି କରି ଥାନାରେ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୩୪୧, ୨୯୪, ୩୨୩, ୩୨୪, ୩୦୭, ୫୦୬, ୩୪ ଆଇପିସି ଆରଡବ୍ଲ୍ୟୁ ସେକ୍ସନ ୩ (୧)(ଆର)(ଏସ୍)୩ (୨)(ଭିଏ) ତହସିଲ ଭୁକ୍ତ ଜାତି ଜନଜାତି ସୁରକ୍ଷା ଆଇନରେ ଏକ ମାମଲା (ନଂ. ୩୨/୨୦୧୯) ରୁଜୁ ହୋଇଛି । ଘଟଣାର ତଦନ୍ତ କରୁଥିବା ଥୁଆମୂଳ ରାମପୁର ଭାରପ୍ରାପ୍ତ ଥାନା ଅଧିକାରୀ ମନରଞ୍ଜନ କୁମାର ସୂଚନା ଦେଇଛନ୍ତି।





ଅବ୍ୟବସ୍ଥାରେ ଯୁକ୍ତ ୨ ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖା ଚାଲିଛି ।

# ଯୁକ୍ତ ୨ ମୂଲ୍ୟାଙ୍କନ କେନ୍ଦ୍ରରେ ଅବ୍ୟବସ୍ଥା

**ଭବାନୀପାଟଣା,୧୭।୪(ଡି.ଏନ.ଏ.)**

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷାଖାତା ମୂଲ୍ୟାଙ୍କନ ନିମନ୍ତେ ଭବାନୀପାଟଣାଠାରେ ଏକ ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି। ପରିଷଦ ପକ୍ଷରୁ ଚଳିତବର୍ଷ ଏକ ଘରୋଇ ଅନୁଷ୍ଠାନ କ୍ରାଉନ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟକୁ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର ଭାବରେ ଦାୟିତ୍ୱ ଦିଆଯାଇଛି । ଭବାନୀପାଟଣାଠାରେ ଥିବା କ୍ରାଉନ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟଠାରେ ମୂଲ୍ୟାଙ୍କନ କେନ୍ଦ୍ର ନିମନ୍ତେ ଆବଶ୍ୟକ ଭିତ୍ତିଭୂମୀ ନ ଥିବା ଦର୍ଶାଇ ମୂଲ୍ୟାଙ୍କନ କରୁଥିବା ଅଧ୍ୟାପକମାନେ କ୍ଷୁବ୍ଧ ପ୍ରକାଶ କରିବା ସହ ଏ ସମ୍ପର୍କରେ ପରିଷଦର ପରୀକ୍ଷା ନିୟନ୍ତ୍ରକଙ୍କୁ ପତ୍ର ଲେଖିଛନ୍ତି । ସୂଚନାଯୋଗ୍ୟ ଯେ, ଭବାନୀପାଟଣାସ୍ଥିତ କ୍ରାଉନ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟଠାରେ ମାତ୍ର ୪୦ ଗୋଟି କମ୍ପ୍ୟୁଟର ଉପଲବ୍ଧ ଥିବା ବେଳେ ମୂଲ୍ୟାଙ୍କନ ନିମନ୍ତେ ଆବଶ୍ୟକ ଭିତ୍ତିଭୂମୀ ନାହିଁ । ତେବେ ଏହି ମୂଲ୍ୟାଙ୍କନ କେନ୍ଦ୍ରରେ ୭୨ ଜଣ ଅଧ୍ୟାପକ ଇ-ମୂଲ୍ୟାଙ୍କନ କରିବା ନିମନ୍ତେ ନିୟୋଜିତ ହୋଇଛନ୍ତି। ଏତେ ସଂଖ୍ୟକ ମୂଲ୍ୟାଙ୍କନ କରୁଥିବା ଅଧ୍ୟାପକଙ୍କ ନିମନ୍ତେ ଆବଶ୍ୟକ କମ୍ପ୍ୟୁଟର ନ ଥିବା ଓ ଭିତ୍ତିଭୂମୀ ନ ଥିବା ସହ ଶୌଚାଳୟ କିମ୍ବା ପିଇବା ପାଣିର ସୁବିଧା ନ ଥିବାରୁ ଅଧ୍ୟାପକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଭବାନୀପାଟଣାଆ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ବାବା ମିଶ୍ର ଏବଂ ଜୋନ୍ ସୁପରଭାଇଜର ଜୟଦେବ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଧକ୍ଷ ଡ. ବାବା ମିଶ୍ର ଓ ଜୋନ୍ ସୁପରଭାଇଜର ଜୟଦେବ ସାହୁ ମୂଲ୍ୟାଙ୍କନ କେନ୍ଦ୍ର କ୍ରାଉନ ଆଇଟି ଆଣ୍ଡ ମ୍ୟାନେଜ୍‌ମେଣ୍ଟକୁ ଆସି ପରିସ୍ଥିତି ଅନୁଧ୍ୟାନ କରିବା ସହ ଏ ସମ୍ପର୍କରେ କଣ୍ଟ୍ରୋଲରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ହଜାର ହଜାର ପରୀକ୍ଷାର୍ଥିଙ୍କ ଯୁକ୍ତ ଦୁଇ ପରୀକ୍ଷା ମୂଲ୍ୟାଙ୍କନ କରିବା ନିମନ୍ତେ ପରିଷଦ କୌଣସି ଭିତ୍ତିଭୂମୀ ନ ଥିବା ଏକ ଘରୋଇ ସଂସ୍ଥାକୁ ଏହାର ଦାୟିତ୍ୱ ଦେଇଥିବା ବେଳେ ଛାତ୍ରୀଛାତ୍ରଙ୍କ ମୂଲ୍ୟାଙ୍କନ କରିବାରେ ଅସୁବିଧା ହେଉଥିବାରୁ ଅଧ୍ୟାପକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ଦିଗରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଉଚିତ ପଦକ୍ଷେପ ନେବାକୁ ମୂଲ୍ୟାଙ୍କନ ଦାୟିତ୍ୱରେ ଥିବା ଅଧ୍ୟାପକମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଏପ୍ରେଲ ୮ ତାରିଖରୁ ଯୁକ୍ତ ଦୁଇ ଖାତା ମୂଲ୍ୟାଙ୍କନ ଆରମ୍ଭ ହୋଇଥିଲେ ହେଁ ଆଜି ସୁଦ୍ଧା ମୂଲ୍ୟାଙ୍କନ ମୁଖ୍ୟଙ୍କ ପାସ୍‌ୱାର୍ଡ ଜେନେରେଟ୍ ହୋଇନାହିଁ । ଫଳରେ ମୂଲ୍ୟାଙ୍କନ ବାଧାପ୍ରାପ୍ତ ହୋଇଛି । ଏ ଦିଗରେ ମାଧମିକ ଶିକ୍ଷା ପରିଷଦ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକତା ରହିଛି ।

## ଟିକେଟ ନ ମିଳିବାରୁ ବାବା ହେଲେ ଆଶାୟୀ ବିଧାୟକ ପ୍ରାର୍ଥୀ

**ଭବାନୀପାଟଣା,୧୭।୪ (ଡି.ଏନ.ଏ.)**

ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସେ ନବବର୍ଷ ହେଉ କି ବିଭିନ୍ନ ପର୍ବପର୍ବାଣୀ ହେଉ କି ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ହେଉ ଦେଖିବାକୁ ମିଳିଥାଏ ରୋହିତ ଦୁର୍ଗାଙ୍କ ବଡ ବଡ ହୋର୍ଡିଂରେ ଅଭିନନ୍ଦନର ବାର୍ତ୍ତା। ସବୁ ସମୟରେ ଭାଜପାର ଜଣେ ସକ୍ରିୟ କର୍ମୀ ଭାବେ ସେ ସବୁ ସଭା ସମିତିରେ ଉପସ୍ଥିତ ହେବା ସହ ଅନେକ କାର୍ଯ୍ୟ ମଧ୍ୟ କରୁଥିବା ଦେଖିବାକୁ ମିଳିଥାଏ। ଆଶା ଥିଲା ଖଣ୍ଡିଏ ଟିକଟ ମିଳିଲେ ସେ ନିର୍ବାଚନ ଲଢିବେ ଏବଂ ବିଜୟୀ ହୋଇ ବିଧାନସଭାକୁ ଯିବେ। ହେଲେ ଶେଷ ମୁହୂର୍ତ୍ତରେ ଟିକଟ କଟିଯିବାରୁ ଜଣେ ଯୁବକ ଅଭିନବ ଶୈଳୀରେ ବଞ୍ଚିବାର ଆରମ୍ଭ କରିଦେଇଛନ୍ତି। ଏଭଳି ଜଣେ ଯୁବକ ହେଉଛନ୍ତି ଭବାନୀପାଟଣା ଷ୍ଟେଟ୍ରୁ୍ୟଛକର ରୋହିତ ଦୁର୍ଗା। ରୋହିତ ଦୁର୍ଗା ଗତ ୨ ବର୍ଷ ହେଲା ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀରୁ ଭାଜପାରୁ ଟିକଟ ଆଶାୟୀ ଥିଲେ। ଏ ନେଇ ଜିଲା ଏବଂ ରାଜ୍ୟସ୍ତରୀୟ ନେତାମାନେ ମଧ୍ୟ ତାଙ୍କୁ ଟିକଟର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶେଷ ମୁହୂର୍ତ୍ତରେ ରୋହିତଙ୍କୁ କଟାଯାଇ ପ୍ରଦୀପ ନାଏକଙ୍କୁ ଟିକଟ ଦିଆଯାଇଥିବାରୁ ବର୍ତ୍ତମାନ ରୋହିତ ଗେରୁଆ ବାବା ହୋଇଯାଇଛନ୍ତି। ସବୁବେଳେ ଗେରୁଆ ଢିଲା ସାଙ୍ଗକୁ ବିନା ଚପଲରେ ସେ ବିଭିନ୍ନ ସ୍ଥାନକୁ ବୁଲାବୁଲି କରୁଛନ୍ତି। ଏହାସହ ମାଛ, ମାଂସ ଖାଇବା ମଧ୍ୟ ବନ୍ଦ କରିଦେଇଛନ୍ତି। ତେବେ ଆଗାମୀ ନିର୍ବାଚନରେ ଟିକଟ ନ ମିଳିବା ପର୍ଯ୍ୟନ୍ତ ସେ ଏଭଳି ଅଭିନବ ଉପାୟରେ ରହିବେ ବୋଲି ପ୍ରକାଶ କରିଛନ୍ତି।

# ଏସ୍‌ବିଆଇ ଚିଫ୍ ଜେନେରାଲ୍ ମ୍ୟାନେଜରଙ୍କ କଳାହାଣ୍ଡି ଗସ୍ତ

**ଭବାନୀପାଟଣା,୧୭।୪(ଡି.ଏନ.ଏ.)**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଜେନେରାଲ୍ ମ୍ୟାନେଜର ଭୁବନେଶ୍ୱର ସର୍କଲ ପ୍ରଭିନା କାଲା କଳାହାଣ୍ଡି ଗସ୍ତରେ ଆସି ଷ୍ଟେଟ୍‌ବ୍ୟାଙ୍କ ଶାଖାଗୁଡିକ ପରିଦର୍ଶନ କରିଥିଲେ। ସେ ଭୁବନେଶ୍ୱରରୁ ଆସି ଭବାନୀପାଟଣାଠାରେ ଥିବା ଷ୍ଟେଟ୍‌ବ୍ୟାଙ୍କ ରିଜନ୍‌ର ଶାଖାଗୁଡିକ ପରିଦର୍ଶନ କରିବା ସହ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ନକଟିଗୁଡା ଶାଖାଠାରେ ବ୍ୟବସାୟିକ ଅଫିସ ଗୃହର ଉଦ୍‌ଘାଟନ କରିଛନ୍ତି। କାଲା ଉତ୍ତମ ଗ୍ରାହକ ସେବା ସକାଶେ ବ୍ୟାଙ୍କର ବିଶିଷ୍ଟ ଜମାକାରୀମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ ମଧ୍ୟ କରିଥିଲେ। ଏହି ପରିଦର୍ଶନ ସମୟରେ ଚିଫ୍‌ଜେନେରାଲ ମ୍ୟାନେଜର ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କର କେତେକ ଶାଖା ପରିଦର୍ଶନ କରି ଉତ୍ତମ କାର୍ଯ୍ୟ ସକାଶେ ଶାଖାପରିଚାଳକମାନଙ୍କୁ ମଧ୍ୟ ସମ୍ମାନିତ କରିଥିଲେ। ଜିଏମ୍ କାଲା ଭବାନୀପାଟଣାସ୍ଥିତ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ଶାଖା, କଲେଜଛକ ଶାଖା ଓ ବେହେରାଗୁଡାଠାରେ ଥିବା ରୁରାଲ୍ ସେଲ୍ଫ ଏମ୍ପଲଏମେଣ୍ଟ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିଦର୍ଶନ କରିଥିଲେ । ପ୍ରଶିକ୍ଷାର୍ଥିମାନଙ୍କୁ ସ୍ୱାବଲମ୍ବୀ ହେବା ସକାଶେ ପରାମର୍ଶ ଦେଇଥିଲେ।



ଏସ୍‌ବିଆଇ ନକଟିଗୁଡା ଶାଖାଠାରେ ବ୍ୟବସାୟ ଅଫିସ ଗୃହ ଉଦ୍‌ଘାଟନ କରାଯାଉଛି ।

# ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ସମ୍ବଲପୁର, ୧୭।୪ (ବ୍ୟୁରୋ)**

ଗୁରୁନାନକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲ ସମ୍ପାଦକ ରଣଜିତ ସିଂ ହୁରା ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ଚୈତ୍ରପର୍ବରେ ଜାତିଆଣ ମନୋଭାବ ନେଇ ଉତ୍ତେଜନା

# ଅସବର୍ଣ୍ଣ ଲୋକେ ଥାନା ଘେରିଲେ

**ଜୁନାଗଡ,୧୭।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗୁଡାରେ ମଙ୍ଗଳବାର ଚୈତପର୍ବରେ ଜାତିଆଣ ମନୋଭାବକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ଏହାର ପ୍ରତବାଦରେ ଅସବର୍ଣ୍ଣ ଲୋକେ ଜୁନାଗଡ ଥାନା ଘେରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ବ୍ରାହ୍ମଣୀଗୁଡା ଗ୍ରାମର ମଧୁସୁଦନ ବାଗ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଚୈତପର୍ବ ଉପଲକ୍ଷେ ଗ୍ରାମର ଠାକୁରାଣୀଗୁଡିରେ ଯାତ୍ରା ହୋଇଥିଲା। ମଧୁସୁଦନ ପୂଜାର୍ଚ୍ଚନା କରିବା ପାଇଁ ପୂଜା ସାମଗ୍ରୀ ନେଇ ମନ୍ଦିରକୁ ଯିବା ପରେ ସେଠାରେ ପୂଜକ ଅସବର୍ଣ୍ଣ ବୋଲି ପୂଜା କରିବାକୁ ମନା କରିଦେଇଥିଲେ। ଏ ନେଇ ଅସବର୍ଣ୍ଣଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ଅପରାହ୍ନରେ ଏହାର ପ୍ରତିବାଦରେ ମଧୁସୁଦନ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ଗ୍ରାମର ଅସବର୍ଣ୍ଣ ଲୋକେ ମଧ୍ୟ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଥାନା ଘେରିଥିଲେ। ଏ ନେଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କୁ ପଚାରିବାରୁ ଅସବର୍ଣ୍ଣ ଲୋକେ ପୂଜା ପାଇଁ ଚାନ୍ଦା ଦେବେ ନାହିଁ ବୋଲି ମନା କରିଥିବାରୁ ପୂଜକ ପୂଜା ପାଇଁ ସେମାନଙ୍କୁ ବାରଣ କରିଥିଲେ । ଫଳରେ ଏପରି ପରିସ୍ଥିତି ଉପୁଜୁଛି ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏବେ ବ୍ରାହ୍ମଣୀଗୁଡା ଗ୍ରାମର ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଜାରି ରହିଛି।



ଅସବର୍ଣ୍ଣ ଲୋକେ ଥାନା ଘେରିଛନ୍ତି।

# ପଥଚାରୀମାନଙ୍କୁ ଥଣ୍ଡା ମଧୁର ଜଳ ବଣ୍ଟନ

**କେସିଙ୍ଗା,୧୭।୪ (ଡି.ଏନ.ଏ.)**

ସମଗ୍ର ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଏଥିଯୋଗୁ ରାସ୍ତା ଘାଟରେ ଯାତାୟାତ କରୁଥିବା ପଥଚାରୀମାନଙ୍କୁ କେସିଙ୍ଗା ବ୍ଲକ କେନ୍ଦୁପଡା ସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲର ଛାତ୍ରୀଛାତ୍ରମାନେ ଗତ ୧୪ ରୁ ୧୭ ତାରିଖ ୪ଦିନ ବ୍ୟାପି ଥଣ୍ଡା ସରବତ ପ୍ରଦାନ କରାଯାଉଛି । ବସ ଯୋଗେ କେସିଙ୍ଗା ବ୍ଲକ ଉକ୍ଳେଲା, କେସିଙ୍ଗା ସହରର ଜଗନ୍ନାଥପଡା, ସାନପଡା, ବୋରିଆ, କେନ୍ଦୁପଡା, ଜାତୀୟ ରାଜପଥ ୨୬ ଉପରେ ଗମନାଗମନ କରୁଥିବା ଲୋକଙ୍କୁ ଥଣ୍ଡା ସରବତ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହ ଯୋଗୁ ୧୮ ତାରିଖଠାରୁ (ଗୁରୁବାର)ସମସ୍ତ ସରକାରୀ, ବେସରକାରୀ, ସ୍କୁଲ, କଲେଜ ବନ୍ଦ ହେବାରୁ ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଉକ୍ତ ସ୍କୁଲ ପକ୍ଷରୁ ବନ୍ଦ କରାଯାଇଥିବା ଜଣାପଡିଛି । ସମଗ୍ର ଅଞ୍ଚଳ ୪୨ ଡିଗ୍ରୀ ତାପମାତ୍ରା ହେଉଥିଲେ ସୁଦ୍ଧା ଗ୍ରାମପଞ୍ଚାୟତ, ବ୍ଲକ, ଏନଏସି ପକ୍ଷରୁ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥିକମାନେ ଗମନାଗମନ ବେଳେ ଶୋଷରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଗୁଛନ୍ତି । ଏ ନେଇ ଉକ୍ତ ସ୍କୁଲର ପ୍ରିନ୍ସିପାଲି ଅର୍ଚ୍ଚନା ଅଗ୍ରୱାଲଙ୍କୁ ପଚାରିବାରେ ଚାରିଆଡେ ୪୨ ଡିଗ୍ରୀ ତାପମାତ୍ରା ରହୁଥିବାରୁ ଲୋକଙ୍କ ସୁବିଧା ଓ ତୃଷ୍ଣା ନିବାରଣ ପାଇଁ ଏହି ମାଗଣା ଥଣ୍ଡା ମଧୁର ଜଳ ପ୍ରଦାନ କରାଯାଇଥିଲା ବୋଲି ପ୍ରକାଶ କରିଥିଲେ ।



ଦ୍ରୋଣାଚାର୍ଯ୍ୟ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଥଣ୍ଡା ମଧୁର ଜଳ ବଣ୍ଟନ ।



ଜଣେ ବଦନାମ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକ ସହଜରେ ବିଶ୍ୱାସ କରନ୍ତି ନାହିଁ
- ଟିଲୋଟ୍ସନ୍



## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭବାନୀପାଟଣା,୧୭।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଧୁଲିଗୁଡାଠାରେ ଏକ ରାସ୍ତା କାମରେ ନିୟୋଜିତ ଟ୍ରାକ୍ଟର ଓ ପାଣି ଟାଙ୍କି ମାଧମରେ ରାସ୍ତାରେ ପାଣି ସିଞ୍ଚନ କରୁଥିବା ବେଳେ ଜଣେ ଯୁବକଙ୍କୁ ଅନ୍ୟ ଯୁବକମାନେ ଦଳବଦ୍ଧ ଭାବେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏଥିରେ ପାଣି ସିଞ୍ଚନ କରୁଥିବା ଯୁବକ ଗୁରୁତର ଆହତ ହୋଇଛନ୍ତି । ଏ ନେଇ ଥୁ. ରାମପୁର ଥାନାରେ ଗତ ମଙ୍ଗଳବାର ଅଭିଯୋଗ ହୋଇଛି । ଆହତ ଧୁଲିଗୁଡା ଗ୍ରାମର ଯୁବକ ସୁରେଶ ମାଝି (୨୭) ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଥିବା ଜଣାପଡିଛି। ଥୁ.ରାମପୁର ବ୍ଲକ୍‌ର ଧୁଲିଗୁଡା ଗ୍ରାମର ସୁରେଶ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ ନିୟୋଜିତ ହୋଇ ମଙ୍ଗଳବାର ରାସ୍ତା କାମରେ ପାଣି ଟାଙ୍କି ନେଇ ପାଣି ସିଞ୍ଚନ କରୁଥିଲେ। ସେହି ସମୟରେ କର୍ଲାପାଟ ଗ୍ରାମର ସୁକାନ୍ତ ଗୌଡ, ସୁଶାନ୍ତ ଗୌଡ ଓ ବଳରାମ ମାଝିଙ୍କ ସମେତ ଧୁଲିଗୁଡାର ଅନ୍ୟ କିଛି ଯୁବକ ଦିନ ବେଳା କାହିଁ ପାଣି ସିଞ୍ଚନ କରୁଛୁ ବୋଲି କହିଥିଲେ। ଏହି କଥାକୁ ନେଇ ଉଭୟ ପକ୍ଷ ମଧରେ ଯୁକ୍ତିତର୍କ ହେଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଯୁବକମାନେ ସଂଘବଦ୍ଧ ଭାବେ ଏକ ବିଅର ବୋତଲରେ ସୁରେଶଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ସୁରେଶଙ୍କ ପିଠି, ହାତ ଓ କହୁଣିରେ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ସୁରେଶଙ୍କ ପରିବାରର ଥୁଆମୂଳ ରାମପୁର ଥାନାରେ ଏକ ଏତଲା ଦେଇଛନ୍ତି। ଏହି ଏତଲାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୩୨/୨୦୧୯) ରୁଜୁ ହୋଇଛି । ଘଟଣାର ତଦନ୍ତ କରୁଥିବା ଥୁଆମୂଳ ରାମପୁର ଭାରପ୍ରାପ୍ତ ଥାନା ଅଧିକାରୀ ମନରଞ୍ଜନ କୁମାର ସୂଚନା ଦେଇଛନ୍ତି।

# ସୁନ୍ଦରଗଡ଼ରେ ଭୋଟ ଗ୍ରହଣ ଆଜି

ସୁନ୍ଦରଗଡ଼, ୧୭।୪ (ଡି.ଏନ୍.ଏ)

- ୬୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର
- ପ୍ରାର୍ଥୀଙ୍କ ମଧ୍ୟରେ ଜୁଏଲ, ଜର୍ଜ, ମଙ୍ଗଳା, ଶାରଦା
- ଭୋଟଦେବାକୁ ଯୁବ ଭୋଟରଙ୍କ ମଧ୍ୟରେ ଉତ୍ସାହ

ସୁନ୍ଦରଗଡ଼ ଜିଲାରେ ଗୁରୁବାର ଅନୁଷ୍ଠିତ ହେଉଛି ସାଧାରଣ ନିର୍ବାଚନ। ଏହି ଜିଲାରେ ଥିବା ଗୋଟିଏ ଲୋକ ସଭା ଆସନ ଓ ୭ ବିଧାନସଭା ଆସନ ନିମନ୍ତେ ଭୋଟଗ୍ରହଣ ଅନୁଷ୍ଠିତ ହେଉଛି । ଚଳିତ ନିର୍ବାଚନରେ ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଜିଲାରେ ଥିବା ୧୮୪୬ଟି ବୁଥରେ ସମୁଦାୟ ୧୫ଲକ୍ଷ ୨୮ହଜାର ୯୯୭ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରି ଲୋକସଭା ଓ ବିଧାନସଭା ସଦସ୍ୟଙ୍କୁ ଚୟନ କରିବେ। ଚଳିତ ନିର୍ବାଚନରେ ଜୁଏଲ ଓରାମ, ଜର୍ଜ ତିର୍କୀ, ମଙ୍ଗଳା କିଷାନ, ଯୋଗେଶ ସିଂ, ପ୍ରଫୁଲ୍ଲ ମାଝି, ଶାରଦା ନାୟକଙ୍କ ଭଳି ହେଭିୱେଟ ନେତାଙ୍କ ଏହି ନିର୍ବାଚନରେ ଭାଗ୍ୟ ନିର୍ଦ୍ଧାରଣ ହେବ। ଗଣତାନ୍ତ୍ରିକ ଶାସନବ୍ୟବସ୍ଥାରେ ନାଗରିକର ଭୋଟଦାନ ଅଧିକାର ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆଦିବାସୀ ବହୁଳ ଏହି ଜିଲାରେ ଭୋଟଦାନ ପାଇଁ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ୟ ନିର୍ବାଚନ ତୁଳନାରେ ଭୋଟରମାନେ ଚଳିତ ନିର୍ବାଚନରେ ନିଜ ଅଧିକାର ସାବ୍ୟସ୍ତ ପାଇଁ ସଚେତନ ଅଛନ୍ତି। ବିଶେଷକରି ଯୁବ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଭୋଟଦେବା ପାଇଁ ବାହାରେ ରହୁଥିବା ଭୋଟରମାନେ ଗାଆଁକୁ ଆସିଛନ୍ତି। ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ସୁନ୍ଦରଗଡ ଲୋକସଭା ଆସନରେ ଏଥର ଜୁଏଲ ଓରାମ (ଭାଜପା) ପକ୍ଷରୁ ପ୍ରାର୍ଥୀ ହୋଇଥିବା ବେଳେ ଜର୍ଜ ତିର୍କୀ ଭାରତୀୟ ଜାତୀୟ କଂଗ୍ରେସ, ସୁନିତା ବିଶ୍ୱାଳ ବିଜେଡ଼ି, ଜଷ୍ଟିନ ଲୁଗୁନ ଏସୟୁସିଆଇ, ବାସିଲ ଏକ୍କା ଆମ ଆଦମୀ ପାର୍ଟି ,ଦୟାନନ୍ଦ ଭିତ୍ରିଆ ହିନ୍ଦୁସ୍ଥାନ ନିର୍ମାଣ ଦଳ ଏବଂ ଉଦିତ ଚନ୍ଦ୍ର ଅମାତ ଓ ଜୁସ୍ଟିନ ଲାକ୍ରା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଏହି ଲୋକସଭା ନିର୍ବାଚନ ମଣ୍ଡଳୀ ଓ ୭ଟି ବିଧାନସଭା ଆସନରେ ମୋଟ ୬୯ଜଣ ପ୍ରାର୍ଥୀ ରହିଛନ୍ତି। ତଳସରା ବିଧାନସଭା ଆସନରେ ମୋଟ ୯ଜଣ ପ୍ରାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ମାଝି କଂଗ୍ରେସ , ଭବାନୀ ଶଙ୍କର ଭୋଇ ଭାଜପା, ଷ୍ଟିପେନ ଉଇଲସନ ସୋରେଙ୍ଗ ବିଜେଡି , ସଂଜିତ ପ୍ରଧାନ ବିଏସ୍‌ପି, ସଞ୍ଜିବ କୁମାର ଖାଲକୋ ଆମ ଆଦମୀ ପାର୍ଟି, ସତୀଶ କୁମାର ମିଞ୍ଜ ବିଏମ୍‌ପି , ହଳଧର ନାଏକ ହିନ୍ଦୁସ୍ତାନ ନିର୍ମାଣ ଦଳ, ଗେରୋଟି ଖେସ ଓ ଶାନ୍ତିପ୍ରକାଶ ସୋରେଙ୍ଗ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ସୁନ୍ଦରଗଡ ଏସ୍‌ଟି ସଂରକ୍ଷିତ ବିଧାନସଭା ଆସନରେ ଅମିତା ବିଶ୍ୱାଳ କଂଗ୍ରେସ, କୁସୁମ ଟେଟେ ଭାଜପା, ଯୋଗେଶ କୁମାର ସିଂ ବିଜେଡି ଓ ଗୋବିନ୍ଦ ଚନ୍ଦ୍ର ଭୋଇ ହିନ୍ଦୁସ୍ତାନ ନିର୍ମାଣ ଦଳ ପ୍ରାର୍ଥୀ ଭାବେ ରହିଛନ୍ତି। ବୀରମିତ୍ରପୁର ଏସଟି ସଂରକ୍ଷିତ ଆସନରେ ପାଉଲୁସ ଓରାମ ବିଏସପି, ମାଖଲୁ ଏକ୍କା ବିଜେଡି, ରୋହିତ ଯୋଶେଫ ତିର୍କୀ କଂଗ୍ରେସ, ଶଙ୍କର ଓରାମ ଭାଜପା, ବିନୟ କୁଲୁ ଆପ୍, ସିବିୟାନ ଆଇନ୍ଦ -ଜେଏମଏମ୍, ପିଟର ଟପ୍ପୋ ଓ ମାନସିଦ ଏକ୍କା ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ରଘୁନାଥପାଲୀ ଏସସି ସଂରକ୍ଷିତ ଆସନରେ ଜଗବନ୍ଧୁ ବେହେରା ଭାଜପା, ପ୍ରଶାନ୍ତ କୁମାର ସେଠୀ କଂଗ୍ରେସ, ସୁନୀଲ କାରୁଆ ବିଏସପି, ସୁବ୍ରତ ତରାଇ ବିଜେଡି ଅଞ୍ଜଳି ବାଙ୍କରା ଆପ୍, ବିଶ୍ୱକର୍ମା ବାଗ କୋଶଳ ଜନତା ଦଳ, ଜୟକ୍ରିଷ୍ଣ ମହାନନ୍ଦିଆ, ମହେନ୍ଦ୍ର କୁମ୍ଭାର ଓ କ୍ଷେତ୍ରମୋହନ ମଶାନ୍ତ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ରାଉରକେଲା ଆସନରେ ନିହାର ରାୟ ଭାଜପା, ବୀରେନ ସେନାପତି କଂଗ୍ରେସ, ବିଷ୍ଣୁଚରଣ ମହନ୍ତ ବିଏସପି, ଶାରଦାପ୍ରସାଦ ନାୟକ ବିଜେଡି, ଲମ୍ବୋଦର ମହନ୍ତ ଆପ୍, ସୁରମା ମିଶ୍ର କୋଶଳ ଜନତା ଦଳ, ଧର୍ମେନ୍ଦ୍ର ମହାପାତ୍ର, ପୀତବାସ ମିଶ୍ର ଓ ବିକାଶ ମାନସିଂ ଓ ମହମ୍ମଦ ରିଜଓାନ ରାହୀ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ରାଜଗାଙ୍ଗପୁର ଏସଟି ଆସନରେ ସର୍ବାଧିକ ୧୩ଜଣ ପ୍ରାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ନରସିଂହ ମିଞ୍ଜ ଭାଜପା, ସିଏସ ରାଜେନ ଏକ୍କା କଂଗ୍ରେସ, ମଙ୍ଗଳା କିଷାନ ବିଜେଡି, ଆନନ୍ଦ ଏକ୍କା ଆପ୍,ପରୁଆ ଏକ୍କା କୋଶଳ ଜନତା ଦଳ, ପାତ୍ରାସ ଟେଟେ ଝାଡଖଣ୍ଡ ପାର୍ଟି ଏବଂ ଆର୍ଥାର ସୋରେଙ୍ଗ, ଗ୍ରେଗୋରୀ ମିଞ୍ଜ ଦାଶରଥୀ ଲାକ୍ରା, ନିସବେନ ସାମାଦ, ପ୍ରିୟଦର୍ଶିନୀ ଭୋଇ, ସିପ୍ରିୟାନ ଉଇଲିୟମ କିରୋ, ସୁଶୀଲ କୁମାର ଲାକ୍ରା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବଣେଇଁ ଏସଟି ସଂରକ୍ଷିତ ଆସନରେ ମୋଟ ୮ଜଣ ପ୍ରାର୍ଥୀ ରହିଛନ୍ତି। ଏମାନେ ହେଲେ ଅନୀଲ କୁମାର ବାର୍ଲା ଭାଜପା, ମଦନ ଲାକ୍ରା ବିଏସପି, ରଞ୍ଜିତ କିଷାନ ବିଜେଡି, ଲକ୍ଷ୍ମଣ ମୁଣ୍ଡା ସିପିଆଇଏମ୍, ସପନୀ ପୂର୍ତ୍ତି ଏବଂ ଗୋପୀନାଥ କିଶାନ, ଜନାର୍ଦ୍ଦନ ଦେହୁରୀ ଓ ଦାଶରଥୀ କିଷାନ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି।



ବାମରୁ.. ଜୁଏଲ ଓରାମ, ଜର୍ଜ ତିର୍କୀ, ସୁନିତା ବିଶ୍ୱାଳ।



ବାମରୁ..ସାରଦା ନାୟକ, ଯୋଗେଶ ସିଂ, ମଙ୍ଗଳା କିଷାନ୍

## ଟିକେଟ ନ ମିଳିବାରୁ ବାବା ହେଲେ ଆଶାୟୀ ବିଧାୟକ ପ୍ରାର୍ଥୀ

ଭବାନୀପାଟଣା,୧୭।୪ (ଡି.ଏନ.ଏ.)

ଭବାନୀପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସେ ନବବର୍ଷ ହେଉ କି ବିଭିନ୍ନ ପର୍ବପର୍ବାଣୀ ମିଳିଥାଏ ରୋହିତ ଦୁର୍ଗାଙ୍କ ବଡ ବଡ ହୋର୍ଡିଂରେ ଅଭିନନ୍ଦନର ବାର୍ତ୍ତା। ସବୁ ସମୟରେ ଭାଜପାର ଜଣେ ସକ୍ରିୟ କର୍ମୀ ଭାବେ ସେ ସବୁ ସଭା ସମିତିରେ ଉପସ୍ଥିତ ହେବା ସହ ଅନେକ କାର୍ଯ୍ୟ ମଧ୍ୟ କରୁଥିବା ଦେଖିବାକୁ ମିଳିଥାଏ। ଆଶା ଥିଲା ଖଣ୍ଡିଏ ଟିକଟ ମିଳିଲେ ସେ ନିର୍ବାଚନ ଲଢିବେ ଏବଂ ବିଜୟୀ ହୋଇ ବିଧାନସଭାକୁ ଯିବେ। ହେଲେ ଶେଷ ମୁହୂର୍ତ୍ତରେ ଟିକଟ କଟିଯିବାରୁ ଜଣେ ଯୁବକ ଅଭିନବ ଶୈଳୀରେ ବଞ୍ଚିବାର ଆରମ୍ଭ କରିଦେଇଛନ୍ତି। ଏଭଳି ଜଣେ ଯୁବକ ହେଉଛନ୍ତି ଭବାନୀପାଟଣା ଷ୍ଟେଟ୍ଟ୍ୟୁଛକର ରୋହିତ ଦୁର୍ଗା। ରୋହିତ ଦୁର୍ଗା ଗତ ୨ ବର୍ଷ ହେଲା ଭବାନୀପାଟଣା ସଦର ନିର୍ବାଚନମଣ୍ଡଳୀରୁ ଭାଜପାରୁ ଟିକଟ ଆଶାୟୀ ଥିଲେ। ଏ ନେଇ ଜିଲା ଏବଂ ରାଜ୍ୟସ୍ତରୀୟ ନେତାମାନେ ମଧ୍ୟ ତାଙ୍କୁ ଟିକଟର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଶେଷ ମୁହୂର୍ତ୍ତରେ ରୋହିତଙ୍କୁ କଟାଯାଇ ପ୍ରଦୀପ ନାଏକଙ୍କୁ ଟିକଟ ଦିଆଯାଇଥିବାରୁ ବର୍ତ୍ତମାନ ରୋହିତ ଗେରୁଆ ବାବା ହୋଇଯାଇଛନ୍ତି। ସବୁବେଳେ ଗେରୁଆ ଲିଲା ସାଙ୍ଗକୁ ବିନା ଚପଲରେ ସେ ବିଭିନ୍ନ ସ୍ଥାନକୁ ବୁଲାବୁଲି କରୁଛନ୍ତି। ଏହାସହ ମାଛ, ମାଂସ ଖାଇବା ମଧ୍ୟ ବନ୍ଦ କରିଦେଇଛନ୍ତି।

# ପ୍ରଦୂଷଣର ବିଷ ବଳୟରେ ଲୋକେ ଅତିଷ୍ଠ

କୁଆଁରମୁଣ୍ଡା, ୧୭।୪(ଡି.ଏନ.ଏ.)

**କୁଆଁରମୁଣ୍ଡା ବ୍ଲକ ବାସିନ୍ଦା**



ଲୋଡୋସେରା ଛକରେ ଥିବା ଏକ ଷ୍ଟିଲ କାରଖାନାରୁ ନିର୍ଗତ କଳାଧୂଆଁ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା, ନାଇକେନବାହାଲ, ଗୋବିରା, କାଲୋସିହିରିଆ ଇତ୍ୟାଦି ଅଞ୍ଚଳରେ ଇନଗଟ୍ କାରଖାନାଠାରୁ ଆରମ୍ଭ କରି ଲୁହା ସ୍ପଞ୍ଜ କାରଖାନାଗୁଡିକ ଚାଲୁଛି। ଉକ୍ତ କାରଖାନାଗୁଡିକରୁ ନିର୍ଗତ ବିଷାକ୍ତ ଧୂଆଁ ବଣପାହାଡ଼ ଘେରା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳର ପରିବେଶକୁ ନଷ୍ଟ କରିଚାଲିଛି। ଫଳରେ ପ୍ରଦୂଷଣର ବିଷ ବଳୟରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଲୁହା ସ୍ପଞ୍ଜ କାରଖାନାଗୁଡିକର ତରଳ ବର୍ଜ୍ୟବସ୍ତୁ ବର୍ଷାରେ ଧୋଇହୋଇ ନିକଟସ୍ଥ ନାଳ, ପୋଖରୀ ଜଳରେ ମିଶି ପ୍ରଦୂଷିତ କରୁଛି। ସମ୍ପ୍ରତି ୧୪୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ନିମନ୍ତେ ରାଜପଥର ଉଭୟ ପାର୍ଶ୍ୱରୁ ବହୁପୁରାତନ ବୃକ୍ଷଗୁଡିକୁ କାଟିସଫା କରାଯାଉଛି। ଫଳରେ ରାଜପଥଠାରୁ ଅଳ୍ପ ଦୂରରେ ଥିବା କାରଖାନାଗୁଡିକରୁ ନିର୍ଗତ ବିଷାକ୍ତ ଧୂଆଁକୁ କିଛି ମାତ୍ରାରେ ଅବଶୋଷଣ କରିପାରୁଥିବା ଗଛଗୁଡିକ ସମ୍ପୂର୍ଣ୍ଣଭାବେ କଟା ହୋଇଯିବାରୁ ଉକ୍ତ ଧୂଆଁଗୁଡିକ ଉଡି ରାଜପଥକୁ ମଧ୍ୟ ମାଡିଆସୁଛି। ଫଳରେ ରାଜପଥରେ ଯାତାୟାତ ସମୟରେ ସାଇକେଲ ଓ ବାଇକ୍ ଆରୋହୀମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି। ଅନ୍ୟ ପକ୍ଷରେ କାରଖାନା ଚିମିନିରେ ଇଏସପି (ଇଲେକ୍ଟ୍ରୋଷ୍ଟାଟିକ ପ୍ରେସିପିଟେଟର) ଚାଲୁ କରାଯାଉ ନ ଥିବାରୁ କଳାଧୂଆଁଗୁଡିକ କେବଳ ଯେ ରାଜପଥ ନୁହେଁ, ପାର୍ଶ୍ୱବର୍ତ୍ତୀ ନାଇକେନବାହାଲ, ବେଲଡିପା, ଗୋବିରା, କାଲୋସିହିରିଆ, କୁଆଁରମୁଣ୍ଡା ତଳବସ୍ତିରେ ପଶୁଛି। ଏହିସବୁ ବସ୍ତିରେ ବସବାସ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଖାନା ମାଲିକମାନେ ବେଫିକର ଭାବେ ରହୁଛନ୍ତି। ଏପରିକି ପାର୍ଶ୍ୱାଞ୍ଚଳ ବିକାଶ ପ୍ରତି ଏଠାରେ ଥିବା କୌଣସି କାରଖାନା ମାଲିକ ଆଉ ଧ୍ୟାନ ଦେଉନାହାନ୍ତି। ଗତ ୫ ବର୍ଷ ତଳେ କେତେକ କାରଖାନା ପାର୍ଶ୍ୱାଞ୍ଚଳ ବିକାଶ ଯୋଜନାରେ ସ୍ୱାସ୍ଥ୍ୟ ଶିବିର, ସ୍କୁଲ ପିଲାମାନଙ୍କୁ ବ୍ୟାଗ ଇତ୍ୟାଦି ପ୍ରଦାନ କରୁଥିଲେ। ଏପରିକି କେତେକ କାରଖାନା ମାଲିକ ଖରାଦିନେ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପିଇବା ପାଣି ମଧ୍ୟ ଯୋଗାଉଥିଲେ। କିନ୍ତୁ ଏବେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତି କାରଖାନା ମାଲିକମାନେ ସମ୍ପୂର୍ଣ୍ଣ ଅଣଦେଖା କରିବା ଘଟଣା ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ଯେ, ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ଓ ସେମାନଙ୍କ ମଧ୍ୟରେ କିଛି ଭିତିରି ବୁଝାମଣା ହୋଇଛି। କୁଆଁରମୁଣ୍ଡା ନିକଟସ୍ଥ ଟିପିଏସ୍ଏଲ୍ କାରଖାନା, ସ୍ୱସ୍ତିକ ସ୍ପଞ୍ଜ ସମେତ ନିକଟବର୍ତ୍ତୀ ପିରୁ ପ୍ଲାଣ୍ଟ, ୧୪୩ ନମ୍ବର ଜାତୀୟ ରାଜପଥର ଲୋଡୋସେରା ଛକରେ ଥିବା ଏକ ଷ୍ଟିଲ କାରଖାନା ସମେତ ଅନ୍ୟ କାରଖାନାଗୁଡିକ ଆଖିବୁଜା ଦିନରାତି କଳାଧୂଆ ଛାଡି ଚାଲିଛନ୍ତି। ଏଥିପ୍ରତି ପ୍ରଦୂଷଣ ବିଭାଗର ଉଚ୍ଚ ଅଧିକାରୀଙ୍କ ସହ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ବଡଗାଁ ରାମଲୀଳା ଯାତ୍ରା

# ହର୍ଷ, ଉଲ୍ଲାସରେ ରାମ, ସୀତାଙ୍କ ବିବାହ ସମ୍ପନ୍ନ

ବଡ଼ଗାଁ, ୧୭।୪ (ଡି.ଏନ.ଏ)

ସୀତାଙ୍କ ସ୍ୱୟଂମ୍ବରରେ ଶିବ ଧନୁ ଭାଙ୍ଗିଲା ପରେ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କ ନିକଟକୁ ଚିଟାଉ ପଠାଇଥିଲେ । ଚିଟାଉରେ ସୀତା ସ୍ୱୟଂମ୍ବର ଓ ଶିବଧନୁ ଭଙ୍ଗ ବାର୍ତ୍ତା ପାଇ ରାଜା ଦଶରଥ ପୁତ୍ର ଭରତ, ଶତ୍ରୁଘ୍ନଙ୍କ ସହିତ ଜନକପୁରୀରେ ପହଞ୍ଚିଥିଲେ । ରାଜର୍ଷି ଜନକ ତାଙ୍କ ଚାରି ପୌତ୍ରି ସୀତା, ଉର୍ମିଳା, ମାଣ୍ଡବୀ, ସ୍ମତିକିର୍ତ୍ତୀଙ୍କୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ସହିତ ବିବାହ କରାଇଥିଲେ। ଲଟାପଡା ସମଲେଇ ମନ୍ଦିରରୁ ବରଯାତ୍ରୀରେ ଚାରିଭ୍ରାତାଙ୍କୁ ପରଭାରେ ଦେବ ମଣ୍ଡପକୁ ଅଣାଯାଇ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଥିଲା। ମହିଳାମାନେ ଗାଲସେକା ଓ ଗୃହ ପ୍ରବେଶ କରାଇଥିଲେ । ଏହି ବିଷୟ ବସ୍ତୁକୁ କଳାକାରମାନେ ମଞ୍ଚସ୍ଥ କରିଥିଲେ । ରାଜର୍ଷି ଜନକ, ରାମ, ସୀତା, ଲକ୍ଷ୍ମଣ, ଉର୍ମିଳା, ଭରତ, ମାଣ୍ଡବୀ, ଶତ୍ରୁଘ୍ନ, ସ୍ମତିକକିର୍ତ୍ତୀ, ବିଶ୍ୱାମିତ୍ର ଭୂମିକାରେ ଯଥାକ୍ରମେ ବିଦ୍ୟାଲୋଚନ ମିଶ୍ର, ଅଭିଳାଷ ପାଣିଗ୍ରାହୀ, କମଳେନ୍ଦୁ ପାଣିଗ୍ରାହୀ, ଦୀପକ ପୃଷେଟ, ପ୍ରକାଶ ସାହୁ, ଶାସ୍ୱତ ପ୍ରଧାନ, ଗୌତମ ବେହେର, ପ୍ରଦୀପ୍ତ ନାୟକ, ଆକାଶ ପୃଷ୍ଟି, ସନୁ ପାଣିଗ୍ରାହୀ ଏବଂ ସଖି ଭୂମିକାରେ ଗୋବର୍ଦ୍ଧନ, ମହାଦେବ, ସତିଆ, ଲଲିନ୍ଦ୍ର, ଟିଂକିଲି ଅଭିନୟ କରିଥିଲେ ।



ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ବିବାହ ।

# ଆଦର୍ଶନଗରରେ ଶ୍ରୀରାମଚରିତ ମାନସ ପାରାୟଣ ସମାପନ

ସୁନ୍ଦରଗଡ, ୧୭।୪ (ଡି.ଏନ୍.ଏ)

ସ୍ଥାନୀୟ ଆଦର୍ଶନଗରସ୍ଥିତ ଶ୍ରୀଶ୍ରୀ ହନୁମାନ ଦିବ୍ୟଚେତନା ପରିଷଦ ଆନୁକୂଲ୍ୟରେ ହନୁମାନମନ୍ଦିର ପରିସରରେ ଚଳିତବର୍ଷ ଶ୍ରୀଶ୍ରୀ ରାମଚରିତମାନସ ପାରାୟଣ ପାଠ ଚୈତ୍ରଶୁକ୍ଲପକ୍ଷ ପ୍ରତିପଦଠାରୁ ଆରମ୍ଭ ହୋଇ ରାମନବମୀରେ ସମାପନ ହୋଇଛି। ପଣ୍ଡିତ ଗୋକୁଳି ପତି, ସମୀର ପୁରୋହିତ, ଯତୀନ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ସାନ୍ଧ୍ୟ ଆଳତି ପରେ ରାମଚରିତ ମାନସ ପାଠ ଓ ଅନ୍ନପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ସହରର ବିଭିନ୍ନ ବର୍ଗରୁ ଶହଶହ ଶ୍ରଦ୍ଧାଳୁ ଆସି ଚୈତ୍ର ନବରାତ୍ରରେ ପ୍ରଭୁ ହନୁମାନଙ୍କ ନିକଟରେ ନିଜର ମନୋସ୍କାମନାଭାବ ସମର୍ପଣ କରିବା ସହିତ ରାମନାମ ଚରଣାମୃତରେ ନିଜର ଭକ୍ତି ବିନିମୟ କରିଥିଲେ। ପଣାସଂକ୍ରାନ୍ତିରେ ହନୁମାନଝଣ୍ଡା ସ୍ଥାପନ ସହିତ ଥଣ୍ଡାପାନୀୟ, ପଣା ଦହିସରବତ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। କମିଟିର ସଭାପତି ଦାମୋଦର ମାଝି, ବରିଷ୍ଠସଦସ୍ୟ ଜୟଦେବ ରାଓ, ଜିତେନ୍ଦ୍ର ନାଏକ, ଅଶୋକ ପଟେଲ, ବିକ୍ରମ ସିଂଦେଓ, ପ୍ରଦୀପ ବହିଦାର, ଶ୍ରୀକାନ୍ତ ସାହୁ, ଦୁର୍ଗାମାଧବ କର, ପ୍ରଶାନ୍ତ ମହନ୍ତ, ପ୍ରଦୀପ ମିଶ୍ର, ଦେବେନ୍ଦ୍ର ଦାଶ, ଶ୍ରୀକାନ୍ତ କୁମାର ପଣ୍ଡା, ଶତ୍ରୁଘ୍ନ ସାହୁ, ପ୍ରଦୀପ ପ୍ରଧାନ, ଶ୍ରଦ୍ଧାକର ମହାକୁଲ, କୁନ୍ଦନ ଜୟସ୍ୱାଲ, ରଞ୍ଜନ ପୁରୋହିତ, ଶିବ ଆଚାର୍ଯ୍ୟ, ବୁଲୁ ପଣ୍ଡା, ବସନ୍ତ ରଥ, ସୁନିଲ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସୁନ୍ଦରଗଡ ସହରର ବିଶିଷ୍ଟ ବ୍ୟବସାୟୀ ବାସୁ ଜୟସ୍ୱାଲ ଓ ତାଙ୍କ ପରିବାର ତରଫରୁ ଏହି ମନ୍ଦିର ପ୍ରାଙ୍ଗଣରେ ଜନସାଧାରଣ ଓ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଏକ ସ୍ୱୟଂଚାଳିତ ବିଶୁଦ୍ଧ ଥଣ୍ଡାପାନୀୟ ଜଳ ମେଶିନ୍ ସ୍ଥାନ କରାଯାଇଛି। ଗତ ୨୦୦୮ରେ ତାଙ୍କ ନିଜସ୍ୱ ଗ୍ରାମ ରାଏବଗାଠାରେ ପିଏଲଏଫଆଇଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ତାଙ୍କ ପୁତ୍ର ମୋହନ ଜୟସ୍ୱାଲଙ୍କ ସ୍ମୃତିରେ ଏହିଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବାସୁ ଜୟସ୍ୱାଲ ଓ ତାଙ୍କ ସ୍ତ୍ରୀ ଫିତାକାଟି ଉଦ୍‌ଘାଟନ କରିଥିଲେ।

# କେନାଲ ଉପରେ ବେଆଇନ ରାସ୍ତା ନିର୍ମାଣ

ବେଦବ୍ୟାସ, ୧୭।୪ (ଡି.ଏନ.ଏ)

**ପିତାମହଲ ଜଳସେଚନ ପ୍ରକଳ୍ପ**

- କେନାଲ ଉନ୍ନତୀକରଣରେ ଅନିୟମିତତା
- କେନାଲ ପାର୍ଶ୍ୱାଞ୍ଚଳ ବେଆଇନ ଜବରଦଖଲ
- ଅଭିଯୋଗ ପରେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି
- ବେଦବ୍ୟାସ କୃଷକ ସଂଘ ତରଫରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା- ବଲଣ୍ଡା ସ୍ଥିତ ସର୍ବପୁରାତନ ପିତାମହଲ ଜଳସେଚନ ପ୍ରକଳ୍ପର ବିଭିନ୍ନ ଅନିୟମିତତା ଉପରେ ବେଦବ୍ୟାସ କୃଷକ ସଂଘ ତରଫରୁ ଅଭିଯୋଗ ହୋଇଛି । ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଗ୍ରାମର ଚାଷୀମାନେ ପିତାମହଲ ଜଳସେଚନ ପ୍ରକଳ୍ପର କେନାଲ ଜଳ ଉପରେ ନିର୍ଭର କରିଥାନ୍ତି । ପ୍ରକଳ୍ପ ଆରମ୍ଭ ହେବାର କିଛି ବର୍ଷ ପରେ ମୁଖ୍ୟ କେନାଲ ସହ ଶାଖା କେନାଲଗୁଡିକର ବନ୍ଧ ଧସିଯିବା, କେନାଲ ପୋତି ହୋଇଯିବା, କେନାଲ ଉପରେ ବେଆଇନ ରାସ୍ତା ନିର୍ମାଣ କରିବା, କେନାଲ ଉନ୍ନତିକରଣରେ ଅନିୟମିତତା, କେନାଲ ପାର୍ଶ୍ୱାଞ୍ଚଳ ବେଦଖଲକାରୀଙ୍କ ଅଧିନରେ ରହିବା, ଜନୈକ ଅବସରପ୍ରାପ୍ତ ଅମିନଙ୍କ ଦୌରାତ୍ମ୍ୟ ଆଦି ଅନେକ ଦାବି ସ୍ଥାନୀୟ ପିତାମହଲ ଜଳସେଚନ ଉପଖଣ୍ଡୀୟ ଅଧିକାରୀଙ୍କୁ ବେଦବ୍ୟାସ କୃଷକ ସଂଘ ତରଫରୁ ବିହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି । ସୂଚନାଥାଉକି, ସରକାରଙ୍କର ନିୟମ ଅନୁଯାୟୀ କେନାଲଠାରୁ ୨୫ ଫୁଟ ଦୂରତ୍ୱରେ କିଛି ନିର୍ମାଣ କରାଯାଇ ପାରିବ ନାହିଁ । ହେଲେ ଏଠାରେ ତାହା ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଉଛି। କାରଖାନା ମାଲିକ ଓ ସ୍ଥାନୀୟ କିଛି ସ୍ୱାର୍ଥନିଷ୍ଠ ବ୍ୟକ୍ତି କେଉଁ ଆଇନ ବଳରେ କେନାଲ ଜମି ବେଆଇନ ଭାବେ ଦଖଲ କରିବା ସହ କେନାଲ ଉପରେ କଂକ୍ରିଟ ରାସ୍ତାମାନ ବିଭାଗୀୟ ବିନା ଅନୁମତିରେ ନିର୍ମାଣ କରି ନିଜର ସ୍ୱାର୍ଥ ସାଧନ କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । କଲୁଙ୍ଗା, କଲୁଙ୍ଗା କରତକଳ, ଲୁଙ୍ଗେଇ, କାଲୋକୁଦର ଆଦି ଗ୍ରାମକୁ ଯାଇଥିବା କେନାଲର ବହୁ ସ୍ଥାନରେ ବେଆଇନ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି ଏବଂ ଆଉ ଅନେକ ସ୍ଥାନରେ ଦିନ ଦ୍ୱିପହରରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲେ ମଧ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ ଜାଣି ନଜାଣିଲା ଭଳି ରହୁଛନ୍ତି। କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ ଅମିନ କେନାଲ ଜମି ବେଦଖଲକାରୀ ଓ କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ଲୋକଙ୍କ ଠାରୁ ଉତ୍କୋଚ ନେଇ ତମର କିଛି ହେବ ନାହିଁ ମୁଁ ଅଛି ବୋଲି କହି ମାଲେମାଲ ହେଉଛନ୍ତି। ପରୋକ୍ଷ ଭାବେ ବେଦଖଲକାରୀଙ୍କୁ ବେଆଇନ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଫଳରେ ଅଭିଯୋଗ କଲାପରେ ମଧ ସ୍ଥାନୀୟ ଉପଖଣ୍ଡୀୟ ଅଧିକାରୀ ଏବଂ କେତେକ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଜଳପ୍ରକଳ୍ପ ଉପରେ ନିର୍ଭର କରି ଆସୁଥିବା ଚାଷୀକୂଳ ପାଣି ବୁନ୍ଦାଏ ପାଇଁ ହତାସ ଅବସ୍ଥାରେ ରହୁଛନ୍ତି । ସରକାରଙ୍କ ଦ୍ୱାରା ପାଣି ପଞ୍ଚାୟତ ନାମକୁ ମାତ୍ର କାଗଜପତ୍ରରେ ଚାଲୁଛି। ବାସ୍ତବିକ କ୍ଷେତ୍ରରେ ପାଣି ପଞ୍ଚାୟତର ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ଥାନୀୟ ଅଧିକାରୀ ଖାତିର କରୁନାହାନ୍ତି ଏବଂ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନାରୁ ଉପେକ୍ଷିତ କରାଯାଉଛି। ଏ ସଂକ୍ରାନ୍ତରେ ବେଦବ୍ୟାସ କୃଷକ ସଂଘର ଅଧ୍ୟକ୍ଷ ଜଗନ୍ନାଥ ଟପୋ, ସମ୍ପାଦକ ପୃଥିରାଜ ସାମଲଙ୍କ ସମେତ ସଂଘର ବରିଷ୍ଠ ସଦସ୍ୟ ଦଶରୁ କିଷାନ କହନ୍ତି, ଆମ୍ଭେ ମିଳିତ ଭାବେ କେନାଲ ଉପରେ ବେଆଇନ କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ କରୁଛୁ। ଏହାର ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରାଗଲେ ଅଧିକ ସତ୍ୟାସତ୍ୟ ଜଣାପଡିବ ବୋଲି କହିଥିଲେ । ଏ ବିଷୟରେ ପିତାମହଲ ଜଳ ପ୍ରକଳ୍ପ ଉପଖଣ୍ଡୀୟ ଅଧିକାରୀ, କଲୁଙ୍ଗା ଘାସିରାମ ଶତପଥିଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୭୧୬୮୧୩୭ ରିଙ୍ଗ ହୋଇଥିଲେ ମଧ ଫୋନ ଗ୍ରହଣ କରି ନ ଥିଲେ । ଏ ସଂକ୍ରାନ୍ତରେ ଜଳ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁନ୍ଦରଗଡ ପି.କେ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ମୁଁ ଏଭଳି କୌଣସି ଅଭିଯୋଗ ପାଇନାହିଁ । ଅଭିଯୋଗ ପାଇଲେ ସମ୍ପୃକ୍ତ ଥିବା କର୍ମଚାରୀ ଓ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ବର୍ତ୍ତମାନ ସାଧାରଣ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଅଛି କହିଥିଲେ।

ରିପୋର୍ଟ : **ଉପେନ୍ଦ୍ର ବଘାର**



କେନାଲ୍ ଉପରେ ବେଆଇନ୍ ରାସ୍ତା।